## ଚତୁର୍ଥ ଅଧ୍ୟାୟ

# ପଦ ପ୍ରକରଣ - ବିଶେଷଣ

**୪.୧ :** ତଳେ ଲେଖାଯାଇଥିବା ବାକ୍ୟଗୁଡ଼ିକୁ ପଢ଼ । ବାକ୍ୟରେ ଥିବା କଳା ଅକ୍ଷରର ପଦଗୁଡ଼ିକୁ ଲକ୍ଷ୍ୟ କର ।

(କ) ● **ବିନୟୀ** ଲୋକ **ମଧୁର** ବଚନ କହିଥାଏ ।

● **ନିର୍ମଳ** ପରିବେଶ ଓ **ସୁନ୍ଦର** ମନ **ହିଁ** **ସୁସ୍ଥ** ମଣିଷ ତିଆରି କରିପାରେ ।

(ଖ) ● **ଧୀର** ପାଣିର ବେଗ ନାହିଁ, **ଦରିଦ୍ର** ଲୋକର ଆବେଗ ନାହିଁ ।

● **ପୋକରା** କାଠ ଆଉ **ଭଙ୍ଗା** ଦର୍ପଣ କାମକୁ ନୁହେଁ ।

(ଗ) ● ଲୋଭରେ ଝିଅ **ଆଣ୍ଠୁଏ** ପାଣିରେ ହେଲାବେଳକୁ ପଦ୍ମ ଘୁଞ୍ଚିଯାଇ **ବେକେ** ପାଣିରେ ।

● କବି ଶ୍ରୀଜଗନ୍ନାଥଙ୍କୁ **ମେଞ୍ଚାଏ** ସୁନାରୁପା ନୁହେଁ, ମାତ୍ର ଶରଧା ବାଲିରୁ **ହାତେ** ମାଗିଥିଲେ ।

(ଘ) ● ଓଡ଼ିଆଣୀ **ବାର** ମାସରେ **ତେର** ପର୍ବ ପାଳନ କରିଥାଏ ।

● ଓଡ଼ିଆ **ଦୁଇହଜାର** ବର୍ଷ ଧରି ଚଳି ଆସୁଥିବା **ଚାରିକୋଟି** ମଣିଷଙ୍କର ଭାଷା ।

(ଙ) ● **ପ୍ରଥମ** ପାଳିରେ ଧର୍ମ ହାରେ **ଦ୍ୱିତୀୟ** ପାଳିରେ ଅଧର୍ମ ମରେ ।

● ଖାରବେଳ ରାଜତ୍ୱର **ପଞ୍ଚମ** ବର୍ଷରେ ରାଜ୍ୟ ଜୟ ପାଇଁ ବାହାରିଗଲେ ଓ **ଦ୍ୱାଦଶ** ବର୍ଷରେ ଦିଗ୍‌ବିଜୟୀ ସମ୍ରାଟ ହେଲେ ।

କ– ବିଭାଗର ବାକ୍ୟ ଦୁଇଟିରେ ଲୋକ, ବଚନ, ପରିବେଶ, ମନ, ମଣିଷ ଏକ ଏକ ବିଶେଷ୍ୟ ପଦ । ଏହି ପଦଗୁଡ଼ିକୁ ପଢ଼ିଲେ କି ଶୁଣିଲେ ଆମ ମନରେ ଯେଉଁ ଚିତ୍ର ଅଙ୍କିତ ହୁଏ, ତାହାଠାରୁ ଏକ ଅଲଗା ଓ ଅଧିକ ବିଶେଷିତ ଗୁଣର ଚିତ୍ର ବିନୟୀ ଲୋକ, ମଧୁର ବଚନ, ନିର୍ମଳ ପରିବେଶ, ସୁନ୍ଦର ମନ ଓ ସୁସ୍ଥ ମଣିଷ କହିଲା ବା ଶୁଣିଲା ମାତ୍ରେ ଅଙ୍କିତ ହୋଇଯାଏ । ଏସବୁ ବିଶେଷ୍ୟ ପଦ ପୂର୍ବରୁ ଆମେ ବିନୟୀ, ମଧୁର, ନିର୍ମଳ, ସୁନ୍ଦର, ସୁସ୍ଥ ଇତ୍ୟାଦି ପଦ ବସାଇଦେବା ଦ୍ୱାରା ପ୍ରତିଟି ବିଶେଷ୍ୟ ପଦ ସ୍ୱତନ୍ତ୍ର ଗୁଣରେ ବିଶେଷିତ ହୋଇଯାଉଛି ।

ଖ– ବିଭାଗର ଦୁଇଟିଯାକ ବାକ୍ୟରେ ପାଣି, ଲୋକ, କାଠ ଓ ଦର୍ପଣ– ଏ ଚାରୋଟି ବିଶେଷ୍ୟ ପଦ ରହିଛି । ଏହି ପଦଗୁଡ଼ିକର ପୂର୍ବରୁ ଧୀର, ଦରିଦ୍ର, ପୋକରା ଓ ଭଙ୍ଗା ପ୍ରଭୃତି ପଦଗୁଡ଼ିକର ବ୍ୟବହାର କରାଯାଇଛି । ଏହା ଦ୍ୱାରା ବିଶେଷ୍ୟ ପଦଗୁଡ଼ିକର ଏକ ଏକ ନିର୍ଦ୍ଦିଷ୍ଟ ଅବସ୍ଥା ବିଶେଷିତ ହୋଇଥିବାର ବୁଝାପଡୁଛି ।

ଗ– ବିଭାଗର ଉଭୟ ବାକ୍ୟରେ ପାଣି, ସୁନାରୁପା ଓ ଶରଧାବାଲି ଆଦି ବିଶେଷ୍ୟ ପଦ ପୂର୍ବରୁ ଆଣ୍ଠୁଏ, ବେକେ, ମେଞ୍ଚାଏ, ହାତେ– ଏ ଚାରୋଟି ପଦ ହେତୁ ବିଶେଷ୍ୟ ପଦଗୁଡ଼ିକର ନିର୍ଦ୍ଦିଷ୍ଟ ପରିମାଣ ସୂଚିତ ହେଉଛି ।

ଘ– ବିଭାଗର ବାକ୍ୟରେ ମାସ, ପର୍ବ, ବର୍ଷ ଓ ମଣିଷ ଚାରିଗୋଟି ବିଶେଷ୍ୟ ପଦ ରହିଛି । ଏହି ପଦଗୁଡ଼ିକର ନିର୍ଦ୍ଦିଷ୍ଟ ସଂଖ୍ୟାକୁ ବାର, ତେର, ଦୁଇହଜାର ଓ ଚାରିକୋଟି ଆଦି ସଂଖ୍ୟାସୂଚକ ପଦ ପ୍ରକାଶ କରୁଛି ।

ଙ– ବାକ୍ୟଦ୍ୱୟରେ ପାଳି ଓ ବର୍ଷ- ବିଶେଷ୍ୟ ପଦ ରୂପେ ବ୍ୟବହୃତ । ଏହି ପଦ ପୂର୍ବରୁ ପ୍ରଥମ, ଦ୍ୱିତୀୟ, ପଞ୍ଚମ ଓ ଦ୍ୱାଦଶ ଆଦି ପଦ ରହି ଏକ ଏକ ନିର୍ଦ୍ଦିଷ୍ଟ ସଂଖ୍ୟାକୁ ବୁଝାଉଛି । ଏହିପରି ବାକ୍ୟରେ ବିଶେଷ୍ୟ ପଦଗୁଡ଼ିକ ଆଉ ଏକ ପ୍ରକାର ପଦ ଦ୍ୱାରା ବିଶେଷିତ ହୋଇଥାଏ । ବିଶେଷିତ ହେବାରେ ସାହାଯ୍ୟ କରୁଥିବା ପଦ ହେତୁ ବିଶେଷ୍ୟ ପଦର ଗୁରୁତ୍ୱ ବଢ଼ିଥାଏ ବା କମିଥାଏ ।

***ବାକ୍ୟରେ ଯେଉଁ ପଦ ବିଶେଷ୍ୟ ପଦର ଗୁଣ, ଅବସ୍ଥା, ପରିମାଣ ଓ ସଂଖ୍ୟାକୁ ନିର୍ଦ୍ଦିଷ୍ଟ ଭାବେ ବିଶେଷିତ କରେ ବା ପ୍ରକାଶ କରେ, ତାହାକୁ 'ବିଶେଷଣ' ପଦ କୁହାଯାଏ ।***

**୪.୨ :** ବାକ୍ୟରେ ଅନ୍ୟ ପଦର ବିଶେଷ ଧର୍ମ ବା ସ୍ୱାତନ୍ତ୍ର୍ୟକୁ ନିର୍ଦ୍ଦେଶ କରୁଥିବାରୁ ବିଶେଷଣକୁ ବାକ୍ୟର **ବିଶେଷତ୍ୱ-ନିର୍ଦ୍ଦେଶକ** ପଦ ରୂପେ ବିଚାର କରାଯାଏ । ଏଥିପାଇଁ ତଳେଥିବା ଦୁଇ ପ୍ରକାରର ବାକ୍ୟକୁ ଲକ୍ଷ୍ୟ କର ।

| | ପ୍ରଥମ ପ୍ରକାର | ଦ୍ୱିତୀୟ ପ୍ରକାର |
|---|---|---|
| (କ) | ଶିକ୍ଷକ ଛାତ୍ରଙ୍କୁ ଆଦର କରନ୍ତି | **ଉତ୍ତମ** ଶିକ୍ଷକ **ଭଲ** ଛାତ୍ରଙ୍କୁ ଆଦର କରନ୍ତି । |
| (ଖ) | ଅଜା ଏବେ ଜାମା ପିନ୍ଧିଲେଣି । | **ବୁଢ଼ା** ଅଜା ଏବେ **ସଫା** ଜାମା ପିନ୍ଧିଲେଣି । |

କ ଓ ଖ ଭାଗର ପ୍ରଥମ ପ୍ରକାର ବାକ୍ୟରେ ଶିକ୍ଷକ, ଛାତ୍ର / ଅଜା, ଜାମା ଦୁଇ ଦୁଇଟି ବିଶେଷ୍ୟ ପଦ ବ୍ୟବହୃତ ହୋଇଛି । ପ୍ରତ୍ୟେକ ବିଶେଷ୍ୟ ପଦ ସାଧାରଣ ଅର୍ଥ ପ୍ରକାଶ କରୁଛି । ଶିକ୍ଷକ, ଛାତ୍ର, ଅଜା, ଜାମା କହିଲାବେଳେ ଯେକୌଣସି ଶିକ୍ଷକର, ଛାତ୍ରର, ଅଜାଙ୍କର ଓ ଜାମାର ସାଧାରଣ ଚିତ୍ରଟିଏ ମନରେ ଉଙ୍କି ମାରୁଛି । ମାତ୍ର କ ଓ ଖ– ଭାଗର ଦ୍ୱିତୀୟ ପ୍ରକାରର ବାକ୍ୟରେ – ଶିକ୍ଷକ ପୂର୍ବରୁ **ଉତ୍ତମ,** ଛାତ୍ର ପୂର୍ବରୁ **ଭଲ,** ଅଜା ପୂର୍ବରୁ **ବୁଢ଼ା** ଓ ଜାମା ପୂର୍ବରୁ **ସଫା** ପଦ ବ୍ୟବହୃତ ହୋଇଥିବାରୁ ଚାରୋଟିଯାକ ବିଶେଷ୍ୟ ପଦ (ଶିକ୍ଷକ, ଛାତ୍ର, ଅଜା, ଜାମା) ସମ୍ପର୍କରେ କିଛି ଅଧିକ ସୂଚନା ଓ ନିର୍ଦ୍ଦିଷ୍ଟ ବିଶେଷତ୍ୱ ମିଳୁଛି । **ଉତ୍ତମ, ଭଲ, ବୁଢ଼ା** ଓ **ସଫା**– ଏହି ଚାରୋଟି ପଦ ଯଥାକ୍ରମେ ପ୍ରଥମ ପ୍ରକାର ବାକ୍ୟରେ ଥିବା ଶିକ୍ଷକ, ଛାତ୍ର, ଅଜା ଓ ଜାମା ବିଶେଷ୍ୟ ପଦ ଚାରୋଟିର ବିଶେଷତ୍ୱକୁ ଆମ ପାଖରେ ଭିନ୍ନ ଗୁଣରେ ଓ ଭିନ୍ନ ଅବସ୍ଥା ସୂଚକ କରି ଉଭା କରାଇଦେଉଛି । ସୁତରାଂ ଉତ୍ତମ, ଭଲ, ବୁଢ଼ା ଓ ସଫା ପରି ସବୁ ପ୍ରକାରର ବିଶେଷଣ ପଦଗୁଡ଼ିକ ବାକ୍ୟରେ ବିଶେଷ୍ୟ ପଦର ବିଶେଷ ଗୁଣ– ଧର୍ମ - ସାମର୍ଥ୍ୟ - ଅର୍ଥ ଚମତ୍କାରିତାକୁ ଊଣା-ଅଧିକ ବା କମ୍-ବେଶୀ ଭାବରେ ଚିହ୍ନଟ କରିଦେଇଥାଏ ।

***ବିଶେଷଣ ପଦଗୁଡ଼ିକ ବିଶେଷ୍ୟ ପଦର ଗୁଣ ଓ ଅବସ୍ଥା ଆଦି ବିଶେଷତ୍ୱ ବିଷୟରେ ନିର୍ଦ୍ଦିଷ୍ଟ ସୂଚନା ଦିଏ ।***

## ୪.୩ : ବିଶେଷଣର ପ୍ରକାରଭେଦ

ଆମେ ଜାଣିଲେ, ବିଶେଷଣର କାର୍ଯ୍ୟ ହେଉଛି– ବାକ୍ୟର ଅନ୍ୟ ପଦକୁ ବିଶେଷିତ କରିବା । ଏହା ବାକ୍ୟରେ ଥିବା ଅନ୍ୟ ପଦର ଅର୍ଥଗତ ସ୍ୱାତନ୍ତ୍ର୍ୟ ପ୍ରତିପାଦନ କରେ ଓ ଅନ୍ୟ ପଦର ଭାବକୁ ସୂଚିତ କରେ । ଆମେ ବ୍ୟବହାର କରୁଥିବା ବିଶେଷ୍ୟ ପଦଗୁଡ଼ିକ– ସଜୀବ ବାଚକ ଓ ନିର୍ଜୀବ ବାଚକ । ବିଶେଷ୍ୟ ଓ ଅନ୍ୟାନ୍ୟ ପଦର ବିଶେଷଣଗୁଡ଼ିକ

ଏ ଦିଗରୁ ସଜୀବ-ନିର୍ଜୀବ ବା ପ୍ରାଣୀ-ଅପ୍ରାଣୀ ବାଚକ କ୍ରମେ ବ୍ୟବହୃତ ହୁଏ ଓ ଅର୍ଥ ପ୍ରତିପାଦନ କରେ । ଅର୍ଥଗତ ସ୍ୱାତନ୍ତ୍ର୍ୟ ଦୃଷ୍ଟିରୁ ବିଶେଷଣଗୁଡ଼ିକୁ ନିମ୍ନ ପ୍ରକାରରେ ବିଚାର କରାଯାଇପାରେ ।

(କ) **ଗୁଣବାଚକ ବିଶେଷଣ**

(ଖ) **ଅବସ୍ଥାବାଚକ ବିଶେଷଣ**

(ଗ) **ସଂଖ୍ୟାବାଚକ ବିଶେଷଣ**

(ଘ) **ପୂରଣବାଚକ ବିଶେଷଣ**

(ଙ) **ପରିମାଣବାଚକ ବିଶେଷଣ**

(ଚ) **ତୁଳନାତ୍ମକ ବିଶେଷଣ**

### ୪.୩.୧ : ଗୁଣବାଚକ ବିଶେଷଣ

ତଳେ ଦିଆଯାଇଥିବା ବାକ୍ୟଗୁଡ଼ିକୁ ପଢ଼ ଓ ବଡ଼ କଳା ଅକ୍ଷରର ପଦଗୁଡ଼ିକୁ ଚିହ୍ନି ରଖ ।

(କ) **ମେଧାବୀ** ଛାତ୍ର ସଫଳତା ପାଏ । (ଖ) **ଲୁଣି** ବିସ୍କୁଟ ଭଲ ବିକ୍ରି ହେଉଛି । (ଗ)**ସରଳ** ଲୋକକୁ ସାହାଯ୍ୟ କର ।

ମେଧାବୀ, ଲୁଣି ଓ ସରଳ– ଏକ ଏକ ବିଶେଷଣ ପଦ । ମେଧାବୀ ପଦଟି ଛାତ୍ରର ଗୁଣକୁ, ଲୁଣି ପଦଟି ବିସ୍କୁଟର ଧର୍ମକୁ ଓ ସରଳ ପଦଟି ଲୋକର ସ୍ୱଭାବକୁ ନିର୍ଦ୍ଦିଷ୍ଟ ଭାବେ ବିଶେଷିତ କରୁଛି । ବିଶେଷଣ ସଜୀବ ବିଶେଷ୍ୟର ସ୍ୱଭାବ, ଗୁଣ ଓ ପ୍ରକୃତିକୁ (ଭଲ ଅଥବା ମନ୍ଦ) ବିଶେଷିତ କରୁଥିବାବେଳେ ନିର୍ଜୀବ ବିଶେଷ୍ୟଗୁଡ଼ିକର ଧର୍ମକୁ ବିଶେଷିତ କରିଥାଏ । ଆଉ କେତୋଟି ଉଦାହରଣକୁ ଲକ୍ଷ୍ୟ କର– **ନାଟୁଆ** ଲୋକ / **କପଟୀ** ମଣିଷ, **ବିଶ୍ୱାସୀ** ବନ୍ଧୁ, **ନିର୍ଦ୍ଦୟ** ପଡ଼ୋଶୀ, **ଭୋକିଲା** ବାଘ, **ସୁଧାର** ଗାଇ, **ଭଲ** ପିଲା, **ଭୁକିଲା** କୁକୁର (ସଜୀବବାଚକ) / **ନୀଳ** ଜହ୍ନ / **ଗୋଲାପୀ** ଶାଢ଼ି / **ଭାରି** ଜିନିଷ / **ନାଲି** ଗାମୁଛା / **ଜଟିଳ** ପ୍ରଶ୍ନ / **ମଧୁର** ଜଳ / **ଖଟା** ଫଳ / **କଟୁ** କଥା / **ନିଦା** ବାସନ / **ହାଲୁକା** କାଠ, **ନିର୍ମଳ** ମନ, **ଅଲଣା** ତରକାରୀ, **କଷା** କୋଳି, **ନରମ** କଥା, **କଅଁଳ** ବଚନ, **କଠିନ** ସମୟ (ନିର୍ଜୀବ ବାଚକ) । ଏସବୁ ଗୋଟିଏ ଗୋଟିଏ ଗୁଣବାଚକ ବିଶେଷଣ ପଦର ନମୁନା । ଅତଏବ–

> ***ବାକ୍ୟରେ ଯେଉଁ ପଦ ବିଶେଷ୍ୟ ପଦର ଗୁଣକୁ (ଧର୍ମ-ସ୍ୱଭାବ-ପ୍ରକୃତି ଆଦିକୁ) ବିଶେଷିତ କରିଥାଏ ତା'କୁ ଗୁଣବାଚକ ବିଶେଷଣ କୁହାଯାଏ ।***

### ୪.୩.୨ : ଅବସ୍ଥାବାଚକ ବିଶେଷଣ

(କ) **ଭଙ୍ଗା** ଘର, **ଛିଣ୍ଡା** ଜାମା ଓ **ରୋଗଣା** ଦେହକୁ ଭୁଲି ସେ କଳାର ସାଧନା କରିଥିଲେ ।

(ଖ) **ତତଲା** ପାଣିରେ ଘର ପୋଡ଼େନି ।

(ଗ) ଆମ ଗାଁରେ **ଧନୀ** ଲୋକ ସହିତ **ଗରିବ** ଲୋକ ଓ **ମଧ୍ୟବିତ୍ତ** ଲୋକ ଏକାଠି ରୁହନ୍ତି ।

ଏହି ତିନୋଟି ବାକ୍ୟରେ ଥିବା ବଡ଼ କଳା ଅକ୍ଷରର ପଦଗୁଡ଼ିକ ଏକ ଏକ ବିଶେଷଣ ପଦ । କ– ବାକ୍ୟରେ ଭଙ୍ଗା, ଛିଣ୍ଡା ଓ ରୋଗଣା ପଦ ତିନୋଟି ଯଥାକ୍ରମେ ଘର, ଜାମା ଓ ଦେହର ଅବସ୍ଥାକୁ, ଖ– ବାକ୍ୟରେ ତତଲା ପଦଟି ପାଣିର ଅବସ୍ଥାକୁ ଏବଂ ଗ– ବାକ୍ୟରେ ଧନୀ, ଗରିବ ଓ ମଧ୍ୟବିତ୍ତ ପଦ ତିନୋଟି ଲୋକଙ୍କ ଆର୍ଥିକ ଅବସ୍ଥାକୁ ବୁଝାଉଛି । ଏ ପ୍ରକାର ବିଶେଷଣ ପଦ ଦ୍ୱାରା ବିଶେଷ୍ୟ ପଦର ଅବସ୍ଥା ବିଷୟରେ ସୂଚନା ମିଳିଥାଏ । ସୁତରାଂ,

> ***ବାକ୍ୟରେ ଯେଉଁ ବିଶେଷଣ ପଦ ବିଶେଷ୍ୟ ପଦର ନିର୍ଦ୍ଦିଷ୍ଟ ଅବସ୍ଥାକୁ ସୂଚିତ ବା ବିଶେଷିତ କରିଥାଏ, ତାକୁ 'ଅବସ୍ଥାବାଚକ ବିଶେଷଣ' କୁହାଯାଏ ।***

ଆଉ କେତୋଟି ଅବସ୍ଥା ବାଚକ ବିଶେଷଣ ପଦ ଦିଆଯାଉଛି, ସେଗୁଡ଼ିକୁ ପଢ଼, ଲକ୍ଷ୍ୟ କର ଓ ଏ ପ୍ରକାର କିଛି ପଦ ନିଜେ ପ୍ରସ୍ତୁତ କରିବାକୁ ଚେଷ୍ଟା କର । ଯଥା– **ଦଦରା** ନାଆ, **ଫଟା** ମାଠିଆ, **ଚିରା** ଗାମୁଛା, **କାଦୁଆ** ରାସ୍ତା, **ପାଣିଆ** ଖିରି, **କାଠୁଆ** ଡାଲି (ନିର୍ଜୀବ ବାଚକ), **ସବଳା** ନାରୀ, **ବୁଢ଼ୀ** ମାଉସୀ, **ଭେଣ୍ଡା** ପୁଅ, **ପତଳା** ମଣିଷ (ସଜୀବ ବାଚକ) ।

### ୪.୩.୩ : ସଂଖ୍ୟା ବାଚକ ବିଶେଷଣ

(କ) ଓଡ଼ିଶାରେ **ତିରିଶଟି** ଜିଲ୍ଲା ଅଛି ।

(ଖ) ଆମ ସ୍କୁଲରେ **ତିନୋଟି** ଶ୍ରେଣୀ ଓ ପ୍ରତି ଶ୍ରେଣୀରେ **ଷାଠିଏ** ଜଣ ଛାତ୍ରଛାତ୍ରୀ ଅଛନ୍ତି ।

(ଗ) **ବାର**ଜଣ କାରିଗର ମିଶି **ଛଅ** ବର୍ଷରେ ଏ ମଣ୍ଡପଟିକୁ ଗଢ଼ିଲେ ।

ଏହି ଉଦାହରଣଗୁଡ଼ିକର ବଡ଼ କଳା ଅକ୍ଷରରେ ଲିଖିତ ପଦଗୁଡ଼ିକ ଏକ ଏକ ସଂଖ୍ୟା ସୂଚକ ପଦ । ପ୍ରତ୍ୟେକ ପଦ ବିଶେଷଣ ରୂପେ ବାକ୍ୟରେ ବ୍ୟବହୃତ ହୋଇଛି । କ– ବାକ୍ୟରେ **ତିରିଶ**, ଖ– ବାକ୍ୟରେ **ତିନୋଟି** (ତିନି), **ଷାଠିଏ** ଓ ଗ– ବାକ୍ୟରେ **ବାର** ଓ **ଛଅ** ପ୍ରତ୍ୟେକ ଗୋଟିଏ ଗୋଟିଏ ସଂଖ୍ୟା । ବିଶେଷଣ ପଦ ଭାବରେ ଏହି ସଂଖ୍ୟାଗୁଡ଼ିକ ଉପରଲିଖିତ ବାକ୍ୟରେ ଯଥାକ୍ରମେ ଜିଲ୍ଲା, ଶ୍ରେଣୀ, ଛାତ୍ରଛାତ୍ରୀ, କାରିଗର ଓ ବର୍ଷ– ପ୍ରଭୃତି ବିଶେଷ୍ୟ ପଦକୁ ବିଶେଷିତ କରୁଛି । ଅଭ୍ୟାସ ପାଠ ପାଇଁ ସଂଖ୍ୟା ବାଚକ ବିଶେଷଣର କେତୋଟି ନମୁନା : **ଏକ** ମିଟର କପଡ଼ା, **ପାଞ୍ଚ** ଭାଇ, **ଛଅ** ଋତୁ, **ବାର** ମାସ, **ସାତ** ବାର, **ଶହେ** ରନ୍, **ସାତ** ସମୁଦ୍ର - **ତେର** ନଈ - **ଅଠର** କବାଟ, **ଊଣେଇଶ ଶହ ସତଚାଳିଶି** ମସିହା ଅଗଷ୍ଟ **ପନ୍ଦର** ତାରିଖ... ଇତ୍ୟାଦି ।

> ***ଯେଉଁ ବିଶେଷଣ ପଦ ବିଶେଷ୍ୟ ପଦର ନିର୍ଦ୍ଦିଷ୍ଟ କ୍ରମାନ୍ୱୟ ବା କ୍ରମ ସୂଚକ ସଂଖ୍ୟାକୁ ବିଶେଷିତ କରେ ବା ପ୍ରକାଶ କରେ, ତାକୁ 'ସଂଖ୍ୟା ବାଚକ ବିଶେଷଣ' କୁହାଯାଏ ।***

ସଂଖ୍ୟା ବାଚକ ବିଶେଷଣ ପଦଟି ବିଶେଷ୍ୟ ପଦକୁ ସଂଖ୍ୟା ଦିଗରୁ ବିଶେଷିତ କଲାବେଳେ କ୍ରମାନ୍ୱୟରେ ସବୁ ସଂଖ୍ୟା ବା ସମଷ୍ଟିକୁ ବୁଝାଏ । ଯଥା– **ବାରଶହ** ବଢ଼େଇ **ଷୋହଳ**ବର୍ଷ ଲାଗି କୋଣାର୍କ ମନ୍ଦିର ଗଢ଼ିଥିଲେ । ଏଠାରେ 'ବାର' ଓ 'ଷୋହଳ' ଦୁଇଟି ସଂଖ୍ୟା ବାଚକ ବିଶେଷଣ । ଶହ ଶହ କରି 'ବାର'ଶହର ସମଷ୍ଟିକୁ ନେଇ ବଢ଼େଇମାନଙ୍କ ସଂଖ୍ୟା ନିର୍ଦ୍ଦିଷ୍ଟ ରୂପେ ସୂଚିତ ହୋଇଛି । ସେହିପରି ଏକରୁ ଷୋହଳ ପର୍ଯ୍ୟନ୍ତ କ୍ରମାନ୍ୱୟରେ ଲାଗି **'ଷୋହଳ'** ସଂଖ୍ୟାଟି ବର୍ଷର ସଂଖ୍ୟାକୁ ନିର୍ଦ୍ଦିଷ୍ଟ ରୂପେ ବିଶେଷିତ କରୁଛି ।

ମନେରଖ, କ୍ରମାନ୍ୱୟରେ ସଂଖ୍ୟା ସମଷ୍ଟି (ସଂଖ୍ୟା ପରେ ସଂଖ୍ୟା)କୁ ବୁଝାଉଥିବା ଏକ ଅନ୍ୟ ପ୍ରକାରର ସଂଖ୍ୟାବାଚକ ବିଶେଷଣ ଆମ ଭାଷାରେ ବ୍ୟବହୃତ ହୁଏ । ଯଥା– ଲବ କୁଶ **ଦୁହେଁ** ଯାଆଁଳା ଭାଇ । ଭୀମ, ଅର୍ଜୁନ, ନକୁଳ ଓ ସହଦେବ **ଚାରିହେଁ** ପାଣି ଆଣିବାକୁ ଯାଇ ଫେରିଲେ ନାହିଁ । ରାମ, କୃଷ୍ଣ ଓ ଅକ୍ରୁର **ତିନିହେଁ** ମଥୁରା ଗଲେ । ଏଠାରେ ଦୁହେଁ, ତିନିହେଁ ଓ ଚାରିହେଁ– ସଂଖ୍ୟା ବାଚକ ବିଶେଷଣର ଏକ ଭିନ୍ନ ରୂପ ।

### ୪.୩.୪ : ପୂରଣବାଚକ ବିଶେଷଣ

ତଳଲିଖିତ ବାକ୍ୟଗୁଡ଼ିକ ପଢ଼ । ଏଥିରେ ଥିବା ବିଶେଷ୍ୟ ପଦକୁ ଚିହ୍ନ । ବିଶେଷ୍ୟ ପଦ ପୂର୍ବରୁ ବଡ଼ କଳା ଅକ୍ଷରରେ ଲେଖାଯାଇଥିବା ପଦଗୁଡ଼ିକୁ ଲକ୍ଷ୍ୟ କର । ଏଗୁଡ଼ିକ ବିଶେଷ୍ୟ ପଦର ଏକ ନିର୍ଦ୍ଦିଷ୍ଟ ସଂଖ୍ୟା ରୂପକୁ ବୁଝାଉଥିବାର ଦେଖିବ । ଯଥା–

(କ) ଏ ବର୍ଷ ମୋର **ଅଷ୍ଟମ** ଶ୍ରେଣୀ ଆଉ ମୋ' ଭଉଣୀର **ସପ୍ତମ** ଶ୍ରେଣୀ ହେଲା ।

(ଖ) **ବିଂଶ** ଶତାବ୍ଦୀର ପୃଥିବୀ ସଂଘର୍ଷପୂର୍ଣ୍ଣ ଥିଲା; ମାତ୍ର **ଏକବିଂଶ** ଶତାବ୍ଦୀରେ ପୃଥିବୀ ସଦ୍‌ଭାବନାପୂର୍ଣ୍ଣ ହେବ ।

(ଗ) ଭାଗବତର **ଦଶମ** ସ୍କନ୍ଧ, ରାମାୟଣର **ଷଷ୍ଠ** କାଣ୍ଡ ଓ ଗୀତାର **ଅଷ୍ଟାଦଶ** ଅଧ୍ୟାୟ ପଢ଼ିବାକୁ ଭଲ ଲାଗେ ।

କ– ବାକ୍ୟରେ ଶ୍ରେଣୀ, ଖ– ବାକ୍ୟରେ ଶତାବ୍ଦୀ, ଗ– ବାକ୍ୟରେ ସ୍କନ୍ଧ, କାଣ୍ଡ ଓ ଅଧ୍ୟାୟ ଏକ ଏକ ବିଶେଷ୍ୟ ପଦ । ଏସବୁ ପଦର ନିର୍ଦ୍ଦିଷ୍ଟ ସଂଖ୍ୟା ସୂଚକ ପୂର୍ଣ୍ଣ ରୂପଟିକୁ ବିଶେଷିତ କରିବାକୁ ବା ବୁଝାଇବାକୁ ଯାଇ ଯଥାକ୍ରମେ **ଅଷ୍ଟମ, ସପ୍ତମ, ବିଂଶ, ଏକବିଂଶ, ଦଶମ, ଷଷ୍ଠ** ଓ **ଅଷ୍ଟାଦଶ** ଆଦି ସଂଖ୍ୟାଶ୍ରିତ ବିଶେଷଣ ପଦଗୁଡ଼ିକ ବ୍ୟବହୃତ ହୋଇଛି । ଏସବୁ ବିଶେଷଣ ପଦ ଗୋଟିଏ ନିର୍ଦ୍ଦିଷ୍ଟ ସଂଖ୍ୟାକୁ ଆଶ୍ରୟ କରିଛି ଓ ପୂରଣ ଅର୍ଥ ସୂଚିତ କରୁଛି । ଅଷ୍ଟମ ବା ଆଠକୁ, ସପ୍ତମ ବା ସାତକୁ, ଷଷ୍ଠ ବା ଛଅକୁ, ଦଶମ ବା ଦଶକୁ ଓ ଅଷ୍ଟାଦଶ ବା ଆଠ-ଦଶ ବା ଅଠରକୁ ଆଶ୍ରୟ କରିଛି ଏବଂ ପୂରଣବୋଧକ ହୋଇଛି ।

***କୌଣସି ସଂଖ୍ୟାବାଚକ ବିଶେଷଣ ପଦ କ୍ରମାନ୍ୱୟରେ ସବୁ ସଂଖ୍ୟା ବା ସମଷ୍ଟିକୁ ନ ବୁଝାଇ ଏକ ନିର୍ଦ୍ଦିଷ୍ଟ ସଂଖ୍ୟାକୁ ବୁଝାଇଲେ ତାକୁ ପୂରଣବାଚକ ବିଶେଷଣ କୁହାଯାଏ ।***

**ଆଉ କେତୋଟି ନମୁନା : ତୃତୀୟ ପାଣ୍ଡବ, ଦ୍ୱିତୀୟ ଈଶ୍ୱର, ପ୍ରଥମ ଶ୍ରାଦ୍ଧବାର୍ଷିକ, ଚତୁର୍ଦ୍ଦଶ ଶତାବ୍ଦୀ, ଚତୁର୍ଥ ସ୍ତମ୍ଭ ।**

**୪.୩.୪(୧) :** ମନେ ରଖିବାକୁ ହେବ ଯେ ସଂଖ୍ୟାବାଚକ ବିଶେଷଣ ବିଶେଷ୍ୟକୁ ବିଶେଷିତ କଲାବେଳେ କ୍ରମାନ୍ୱୟରେ ସବୁ ସଂଖ୍ୟାକୁ ସମଷ୍ଟି କରି ଏକ ନିର୍ଦ୍ଦିଷ୍ଟ ସଂଖ୍ୟାରେ ସୂଚିତ ହୁଏ । ପୂରଣବାଚକ ବିଶେଷଣ ସଂଖ୍ୟା ସମଷ୍ଟିକୁ ନବୁଝାଇ କେବଳ ନିର୍ଦ୍ଦିଷ୍ଟ ସଂଖ୍ୟାକୁ ବୁଝାଏ । ଏବେ ତଳ ବାକ୍ୟଗୁଡ଼ିକୁ ଲକ୍ଷ୍ୟ କର ।

(କ) ଦଶରଥଙ୍କର **ଚାରି**ପୁଅ ଥିଲେ । **ଚତୁର୍ଥ** ପୁଅଙ୍କ ନାମ ଶତ୍ରୁଘ୍ନ ।

(ଖ) ଆମ ସ୍କୁଲଘର **ତିନି** ମହଲା ବିଶିଷ୍ଟ । **ତୃତୀୟ** ମହଲାରେ **ଆମ ଶ୍ରେଣୀ** ।

ଉଭୟ କ-ଖ ଭାଗର ପ୍ରଥମ ଦୁଇଟି ବାକ୍ୟରେ **ଚାରି / ତିନି** ଦୁଇଟିଯାକ ପଦ ବିଶେଷଣ ପଦ । **ଚାରି** ବିଶେଷଣଟି କ୍ରମାନ୍ୱୟରେ ଏକ-ଦୁଇ-ତିନି-ଚାରି ସଂଖ୍ୟାର ସମଷ୍ଟିକୁ ଓ **ତିନି** ବିଶେଷଣ ପଦଟି କ୍ରମାନ୍ୱୟରେ ଏକ-ଦୁଇ-ତିନି ସଂଖ୍ୟାର ସମଷ୍ଟିକୁ ବୁଝାଉଛି । ଏ ଦୃଷ୍ଟିରୁ ଏ ଉଭୟକୁ **ସଂଖ୍ୟାବାଚକ ବିଶେଷଣ** ପଦ କହିବା । ଏବେ କ-ଖ ଉଦାହରଣର ଦ୍ୱିତୀୟ ବାକ୍ୟ ଦୁଇଟିକୁ ବିଚାର କରିବା । କ-ଭାଗର ବାକ୍ୟରେ ପୁଅର ବିଶେଷଣ ଭାବରେ **ଚତୁର୍ଥ** ଓ ଖ- ଭାଗର ବାକ୍ୟରେ ମହଲାର ବିଶେଷଣ ଭାବରେ **ତୃତୀୟ** ବ୍ୟବହୃତ ହୋଇଛି । ଏଠି ଚତୁର୍ଥ ଓ ତୃତୀୟ ଏକ-ଦୁଇ-ତିନି-ଚାରି ଏପରି କ୍ରମାନ୍ୱୟ ରକ୍ଷା କରୁନାହିଁ । ଏକ-ଦୁଇ ଠାରୁ ବିଚ୍ୟୁତ ହୋଇ କେବଳ **ତିନିକୁ ତୃତୀୟ**

ରୂପେ ଓ ଏକ-ଦୁଇ-ତିନିକୁ ଛାଡ଼ି କେବଳ ଚାରିକୁ **ଚତୁର୍ଥ** ରୂପେ ବୁଝାଯାଉଛି । ତେଣୁ ଗୋଟିଏ ସଂଖ୍ୟାର ନିର୍ଦ୍ଦିଷ୍ଟତାକୁ ବୁଝାଉଥିବାରୁ **ତୃତୀୟ** ଓ **ଚତୁର୍ଥ** ପଦ ଦୁଇଟିକୁ **ପୂରଣବାଚକ ବିଶେଷଣ** ଭାବରେ ଗ୍ରହଣ କରିବା । ଅନେକ ସଂଖ୍ୟା ମଧ୍ୟରୁ ଗୋଟିଏ ସଂଖ୍ୟାକୁ ନିର୍ଦ୍ଦିଷ୍ଟ କରୁଥିବାରୁ ଏ ପ୍ରକାର ପୂରଣ ବାଚକ ବିଶେଷଣକୁ **ନିର୍ଦ୍ଦିଷ୍ଟତାବାଚକ ବିଶେଷଣ** ବି କୁହାଯାଇପାରିବ ।

**୪.୩.୪(୨) :** ଆମେ ସଂଖ୍ୟାବାଚକ ଓ ପୂରଣବାଚକ ବିଶେଷଣ ପଦକୁ ଉଭୟ ସଂଖ୍ୟା ରୂପରେ ଓ ଅକ୍ଷର ରୂପରେ ଲେଖି ବାକ୍ୟରେ ବ୍ୟବହାର କରିପାରିବା ଯଥା–

- **ପାଞ୍ଚ**ଟାରୁ **ଦୁଇ**ଟା ଆଣ / **୫**ଟାରୁ **୨**ଟା ଆଣ । ● **ସାତ**ଥର ଗଙ୍ଗା ଗଲି / **୭**ଥର ଗଙ୍ଗା ଗଲି ।

ଆମେ ସଂଖ୍ୟା ଓ ପୂରଣବାଚକ ବିଶେଷଣଙ୍କୁ ନିମ୍ନ ପ୍ରକାରେ ଲେଖି ପାରିବା :-

| ସଂଖ୍ୟାବାଚକ ସଂଖ୍ୟାରୂପ | ଅକ୍ଷର ରୂପ | ପୂରଣବାଚକ ସଂଖ୍ୟାରୂପ | ପୂରଣବାଚକ ଅକ୍ଷର ରୂପ |
|---|---|---|---|
| ୧ | ଏକ | ୧ମ | ପ୍ରଥମ |
| ୨ | ଦୁଇ | ୨ୟ | ଦ୍ୱିତୀୟ |
| ୩ | ତିନି | ୩ୟ | ତୃତୀୟ ××× |
| ୧୧ | ଏଗାର | ୧୧ଶ | ଏକାଦଶ ××× |
| ୧୬ | ଷୋହଳ | ୧୬ଶ | ଷୋଡ଼ଶ ××× |
| ୧୯ | ଊଣେଇଶ | ୧୯ଶ | ଊନବିଂଶ |
| ୨୦ | କୋଡ଼ିଏ | ୨୦ଶ | ବିଂଶ |

ଲେଖାରେ ପୂରଣବାଚକ ସଂଖ୍ୟାରୂପ ଥିଲେ ତାହାକୁ ପଢ଼ିବା ବେଳେ ଏକମ, ଦୁଇୟ ଏପରି ଉଚ୍ଚାରଣ କରାନଯାଇ ପ୍ରଥମ, ଦ୍ୱିତୀୟ, ତୃତୀୟ ରୂପେ ଉଚ୍ଚାରିତ ହେବ ।

### ୪.୩.୫ : ପରିମାଣ ବାଚକ ବିଶେଷଣ

ଏବେ ତଳଲିଖିତ ବାକ୍ୟଗୁଡ଼ିକୁ ଲକ୍ଷ୍ୟ କର । ମୋଟା ଅକ୍ଷରର ପଦକୁ ଚିହ୍ନଟ କର ।

(କ) ଗାଈକୁ **ବିଡ଼ାଏ** ଘାସ ଦିଅ ।

(ଖ) ଏ ବର୍ଷ ଆମର **ଭରଣେ** ଧାନ ଅମଳ ହୋଇଛି ।

(ଗ) ଫୁଲଗଛରେ **ମାଠିଆଏ** ପାଣି ଦିଅ ।

ଏଠାରେ ବିଡ଼ାଏ, ଭରଣେ, ମାଠିଆଏ ଆଦି ବିଶେଷଣ ପଦ ଯଥାକ୍ରମେ ଘାସ, ଧାନ ଓ ପାଣିର ପରିମାଣକୁ ବୁଝାଉଥିବାରୁ ପରିମାଣବାଚକ ବିଶେଷଣ ପଦ ହୋଇଛି । ଏହିପରି **ଗ୍ଲାସେ** ସର୍ବତ / **ମାଣେ** ଜମି / **ବେଲାଏ** ପଖାଳ / **କପେ** ଚା / **ବସ୍ତାଏ** ଚାଉଳ / **ବେତୁଲିଏ** ମୁଗ / **ହାଣ୍ଡିଏ** ଉଖୁଡ଼ା / ଦୁଇ**ଭାର** ପରିବା / **ଗୌଣିଏ** ବିରି / **ଖଣ୍ଡେ** ଗାମୁଛା / ବାର**ହାତିଆ** ଲୁଗା / **ଚାରିକିଲିଆ** ମାଛ / **ପୁଳାଏ** ଛତୁଆ / **କାନ୍ଦିଏ** କଦଳୀ । ସୁତରାଂ-

*ବାକ୍ୟରେ ଯେଉଁ ବିଶେଷଣ ପଦ ବିଶେଷ୍ୟ ପଦର ପରିମାଣକୁ ବୁଝାଏ, ତାହାକୁ ପରିମାଣବାଚକ ବିଶେଷଣ କୁହାଯାଏ ।*

### ୪.୩.୬ : ତୁଳନାତ୍ମକ ବିଶେଷଣ

ଅନେକବେଳେ ଆମେ ସମଜାତୀୟ, ସମଗୁଣର ଓ ସମ ଅବସ୍ଥାର ଦୁଇ ବା ତହିଁରୁ ଅଧିକ ବିଶେଷ୍ୟ ମଧ୍ୟରେ ତୁଳନା କରି କମ୍-ବେଶି, ଛୋଟ-ବଡ଼, ଉଚ୍ଚ-ନୀଚ, ଉତ୍କର୍ଷ-ଅପକର୍ଷ ଆଦି ସ୍ଥିର କରିଥାଉ । ଏ କ୍ଷେତ୍ରରେ ତୁଳନା ବୁଝାଉଥିବା ଗୋଟିକିଆ ତୁଳନାତ୍ମକ ପଦକୁ ବାକ୍ୟରେ ବ୍ୟବହାର କରିଥାଉ । ତଳେ ଦିଆଯାଇଥିବା ବାକ୍ୟଗୁଡ଼ିକୁ ଲକ୍ଷ୍ୟ କର ।

(କ) ଶ୍ୟାମବାବୁ ଧନୀ, ମଦନବାବୁ ତାଙ୍କ**ଠାରୁ** ଧନୀ ଓ ଦାମବାବୁ **ସବୁଠାରୁ** ଧନୀ ।

(ଖ) ରାଧୁ ଓ ମଧୁ ମଧ୍ୟରେ ରାଧୁ **ବେଶୀ** ବଳୁଆ ।

(ଗ) ହରି ନରି **ଅପେକ୍ଷା** ଚାଲାକ୍ ।

ପ୍ରଥମ ବାକ୍ୟରେ **'ଠାରୁ,** ସବୁଠାରୁ', ଦ୍ୱିତୀୟ ବାକ୍ୟରେ 'ବେଶୀ', ତୃତୀୟ ବାକ୍ୟରେ 'ଅପେକ୍ଷା' ପଦଗୁଡ଼ିକ ତୁଳନାତ୍ମକ ଅର୍ଥକର ବା ସୂଚକପଦ ଭାବରେ ବ୍ୟବହୃତ ହୋଇଛି । ଏସବୁ ପଦ ମଧ୍ୟରୁ (କ) ବାକ୍ୟରେ 'ଠାରୁ'କୁ ବ୍ୟବହାର କରି ଧନୀ ଦୃଷ୍ଟିରୁ ଶ୍ୟାମବାବୁ ଓ ମଦନବାବୁଙ୍କ ମଧ୍ୟରେ ତୁଳନା କରାଯାଇ ମଦନବାବୁଙ୍କୁ ଧନୀ ବୁଝାଯାଇଛି । ସେହିପରି ଶ୍ୟାମବାବୁ ମଦନବାବୁ ଓ ଦାମବାବୁଙ୍କ ମଧ୍ୟରେ ତୁଳନା କରାଯାଇ 'ଧନୀ' ବିଶେଷଣ ପଦ ପୂର୍ବରୁ 'ସବୁଠାରୁ' ତୁଳନାତ୍ମକ ପଦଟି ବସାଯାଇ ଦାମବାବୁଙ୍କୁ ସମସ୍ତଙ୍କ ମଧ୍ୟରେ ଧନୀ ବୋଲି ନିର୍ଦ୍ଦିଷ୍ଟ ଭାବେ ସୂଚିତ କରାଯାଇଛି । (ଖ) ବାକ୍ୟରେ ବଳୁଆ ସାଧାରଣ ବିଶେଷଣ ପଦଟି ପୂର୍ବରୁ **'ବେଶୀ'** ତୁଳନାତ୍ମକ ପଦଟି ବ୍ୟବହୃତ ହୋଇ ରାଧୁକୁ ଅଧିକ ବଳୁଆ ବୋଲି ବୁଝାଇ ଦିଆଯାଇଛି । (ଗ) ବାକ୍ୟରେ ଚାଲାକ୍ ଏକ ଗୁଣବାଚକ ବିଶେଷଣ । ଏହି ବିଶେଷଣ ପଦଟି ପୂର୍ବରୁ 'ଅପେକ୍ଷା' ତୁଳନାତ୍ମକ ପଦଟି ବ୍ୟବହୃତ ହୋଇ ନରିକୁ ହରିଠାରୁ ଅଧିକ ଚାଲାକ୍ ବୋଲି ଦର୍ଶାଯାଇଛି ।

ଏ କ୍ଷେତ୍ରରେ ମୂଳ ବା ସାଧାରଣ ବିଶେଷଣ ପଦ ପୂର୍ବରୁ ତୁଳନାସୂଚକ ପଦ ବସାଯାଇ ତୁଳନାତ୍ମକ ବିଶେଷଣ ଗଠନ କରାଯାଇଥାଏ । ଦୁଇ ବା ତତୋଽଧିକ ବିଶେଷ୍ୟ ମଧ୍ୟରେ ତୁଳନା ପାଇଁ ଏହି ତୁଳନାତ୍ମକ ବିଶେଷଣ ପଦ ବ୍ୟବହାର କରାଯାଏ । ଏବେ ଅଭ୍ୟାସ କର– ନଡ଼ିଆଗଛଟି ତାଳଗଛ**ଠାରୁ** ଉଚ୍ଚା । ଆମ ସ୍କୁଲଠାରୁ ତାଙ୍କ ସ୍କୁଲ **ବେଶୀ** ପୁରୁଣା । ମୁକ୍ତେଶ୍ୱର ମନ୍ଦିର **ସର୍ବାପେକ୍ଷା** ପୁରୁଣା । ମାନି**ଠାରୁ** କୁନି **କମ୍** ପରିଶ୍ରମୀ ।

**୪.୩.୭ :** ଓଡ଼ିଆ ଭାଷାରେ ଆଉ ଏକ ପ୍ରକାର ତୁଳନାତ୍ମକ ବିଶେଷଣ ବ୍ୟବହାର ହୋଇଥାଏ । ଦୁଇ ବା ତହିଁରୁ ଅଧିକ ବିଶେଷ୍ୟ ପଦ ମଧ୍ୟରେ ତୁଳନା କରିବାବେଳେ ଆମେ ତୁଳନା ବୁଝାଉଥିବା ଗୋଟିକିଆ ପଦ ବି ବିଶେଷଣ ରୂପେ ବ୍ୟବହାର କରିଥାଏ । ଦୁଇଟି ବିଶେଷ୍ୟ ଭିତରେ ତୁଳନା କଲେ ଆମେ ଗୋଟିଏ ମୂଳ ବିଶେଷଣ ପଦରେ **'ତର'**– **'ଇୟାନ୍'** ପ୍ରତ୍ୟୟ ଯୋଗକରି ଗୋଟିକିଆ ବିଶେଷଣ ପଦ ତିଆରି କରି ବ୍ୟବହାର କରିଥାଉ । ବହୁତ ବିଶେଷ୍ୟ ଭିତରେ ତୁଳନା କରାଗଲେ ମୂଳ ବା ସାଧାରଣ ବିଶେଷଣ ପଦରେ **'ତମ'**– **'ଇଷ୍ଠ'** ଯୋଗକରି ଗୋଟିକିଆ ବିଶେଷଣ

ତିଆରି କରି ବ୍ୟବହାର କରିଥାଉ । ଏପ୍ରକାର ବିଶେଷଣ ପଦ ଗଠନର ସୂତ୍ରଟି ଏହିପରି- (ମୂଳ ବା ସାଧାରଣ ବିଶେଷଣ + ତର / ଈୟାନ୍ / ତମ / ଇଷ୍ଠ = ତୁଳନାତ୍ମକ ବିଶେଷଣ)

(କ) ବେଦ ପୃଥିବୀର **ପ୍ରାଚୀନତମ** (ପ୍ରାଚୀନ + ତମ) ଗ୍ରନ୍ଥ ।

(ଖ) ବ୍ରହ୍ମପୁତ୍ର ମହାନଦୀଠାରୁ **ଦୀର୍ଘତର** (ଦୀର୍ଘ + ତର) ।

(ଗ) ଜନ୍ମଭୂମି ସ୍ୱର୍ଗଠୁ **ଗରୀୟାନ** (ଗୁରୁ + ଈୟାନ୍) ।

(ଘ) ସେ ଜଣେ **ବରିଷ୍ଠ** ଶିକ୍ଷକ (ବର + ଇଷ୍ଠ) ।

କ– ବାକ୍ୟରେ ମୂଳ ବିଶେଷଣ **'ପ୍ରାଚୀନ'** ପରେ **'ତମ'** ଯୋଗ ହୋଇ ଗୋଟିକିଆ **'ପ୍ରାଚୀନତମ'** ବିଶେଷଣ ପଦଟି ସୃଷ୍ଟି । ପୃଥିବୀର ଅନେକ ଗ୍ରନ୍ଥ ଭିତରେ **'ଅଧିକ ପ୍ରାଚୀନ'** ଭାବେ ବେଦକୁ ଅର୍ଥନିଷ୍ଠ କରିବା ପାଇଁ ପ୍ରାଚୀନତମ (ପ୍ରାଚୀନ ସହିତ ତମ ଯୋଗହୋଇ) ବିଶେଷଣ ପଦଟି ଗଠିତ । ଏହା ଏକ ତୁଳନାତ୍ମକ ବିଶେଷଣ ପଦ । ଖ– ବାକ୍ୟରେ ବ୍ରହ୍ମପୁତ୍ର ଓ ମହାନଦୀ ଦୁଇଟି ବିଶେଷ୍ୟ ଭିତରେ ତୁଳନା ହୋଇଥିବାରୁ ମୂଳ ବିଶେଷଣ **'ଦୀର୍ଘ'** ପରେ **'ତର'** ଯୋଗ ହୋଇ ତୁଳନାତ୍ମକ ଗୋଟିକିଆ ବିଶେଷଣ ପଦ **'ଦୀର୍ଘତର'** ବ୍ୟବହୃତ ହୋଇଛି । ସେହିପରି ଗ– ବାକ୍ୟରେ ଦୁଇଟି ବିଶେଷ୍ୟ ଜନ୍ମମାଟି ଓ ସ୍ୱର୍ଗ ଭିତରେ ତୁଳନା କରାଯାଇଛି । ତୁଳନା ପାଇଁ ଗୋଟିକିଆ ତୁଳନାତ୍ମକ ବିଶେଷଣ ପଦ **'ଗରୀୟାନ୍'** ବ୍ୟବହୃତ ହୋଇଛି । ଘ– ବାକ୍ୟରେ **'ଶିକ୍ଷକ'** ବିଶେଷ୍ୟ ପଦଟିକୁ 'ସମସ୍ତଙ୍କ ମଧ୍ୟରେ ଶ୍ରେଷ୍ଠ' ଏପରି ତୁଳନା ଅର୍ଥରେ ବିଶେଷିତ କରିବା ପାଇଁ ଗୋଟିକିଆ ବିଶେଷଣ ପଦ **'ବରିଷ୍ଠ'**ର ବ୍ୟବହାର କରାଯାଇଛି ।

***ଦୁଇ ବା ତହିଁରୁ ଅଧିକ ବିଶେଷ୍ୟ ମଧ୍ୟରେ ତୁଳନା ନିମନ୍ତେ ଯେଉଁ ବିଶେଷଣ ପଦ ବ୍ୟବହୃତ ହୁଏ, ତାହାକୁ ତୁଳନାତ୍ମକ ବିଶେଷଣ କୁହାଯାଏ ।***

ଏବେ ଅଭ୍ୟାସ ନିମନ୍ତେ କେତୋଟି ତୁଳନାତ୍ମକ ବିଶେଷଣ ପଦ ଥିବା ବାକ୍ୟ ଦିଆଗଲା ।

| ସାଧାରଣ ବିଶେଷଣ | 'ତର' ପ୍ରତ୍ୟୟଯୁକ୍ତ ତୁଳନାତ୍ମକ ବିଶେଷଣ | 'ତମ' ପ୍ରତ୍ୟୟଯୁକ୍ତ ତୁଳନାତ୍ମକ ବିଶେଷଣ |
|---|---|---|
| କପିଳାସ **ଉଚ୍ଚ** | ମେଘାସନ କପିଳାସଠାରୁ **ଉଚ୍ଚତର** | ହିମାଳୟ **ଉଚ୍ଚତମ** |
| କୁଆଖାଇ **ଗଭୀର** | ଗଙ୍ଗା କୁଆଖାଇଠାରୁ **ଗଭୀରତର** | ବ୍ରହ୍ମପୁତ୍ର **ଗଭୀରତମ** |
| କଳାବଇଁଶୀ **କ୍ଷୁଦ୍ର** | ଭାକୁରଠାରୁ କଳାବଇଁଶୀ **କ୍ଷୁଦ୍ରତର** | କେରାଣ୍ଡି **କ୍ଷୁଦ୍ରତମ** |
| **ଗୁରୁ** | **(ଈୟାନ୍ ପ୍ରତ୍ୟୟ) ଗରୀୟାନ** | **ଗରିଷ୍ଠ** |
| **ଲଘୁ** | **ଲଘୀୟାନ୍** | **ଲଘିଷ୍ଠ** |
| **ବଳୀ** | **ବଳୀୟାନ** | **ବଳିଷ୍ଠ** |

**୪.୪ :** କେବଳ ବିଶେଷ୍ୟ ପଦ ନୁହେଁ; ବାକ୍ୟରେ ଅନ୍ୟ ପଦ ସହିତ ବିଶେଷଣର ଅର୍ଥଗତ ସମ୍ବନ୍ଧ ରହିଛି । ଗଠନ, ବାକ୍ୟରେ ବସାଣ ଶୃଙ୍ଖଳା ଓ ବ୍ୟବହାର ଦିଗରୁ ବିଶେଷଣର ବି କେତେକ ବିଶେଷତ୍ୱ ରହିଛି । ଅନ୍ୟପଦକୁ ବିଶେଷିତ କରିବା ପାଇଁ ବିଶେଷଣର କେତେକ ବ୍ୟାବହାରିକ ବିଧାନ ରହିଛି । ଗଠନାତ୍ମକ ଲକ୍ଷଣ ଓ ବ୍ୟାବହାରିକ ବିଧାନ ଦିଗରୁ ନିମ୍ନ ପ୍ରକାରେ ବିଶେଷଣର ବିଭାଗୀକରଣ କରାଯାଇଥାଏ ।

## ୪.୪.୧ : ବିଶେଷ୍ୟର ବିଶେଷଣ

ଆଗରୁ ଆମେ ଜାଣିଛେ ଯେ– ବିଶେଷଣ ବାକ୍ୟରେ ଥିବା ବିଶେଷ୍ୟ ପଦକୁ ବିଶେଷିତ କରେ । ଏ କାରଣରୁ ବାକ୍ୟରେ ବିଶେଷଣ ପଦ ପ୍ରାୟତଃ ବିଶେଷ୍ୟ ପଦର ପାଖାପାଖି ସ୍ଥାନରେ ବା ପୂର୍ବରୁ ଓ ପରେ ବସିଥାଏ ।

ମନେ ରଖିବାକୁ ହେବ ଯେ ବାକ୍ୟରେ ଯାହା ବିଷୟରେ କୁହାଯାଏ ତାହା ଉଦ୍ଦେଶ୍ୟ ପଦ । ବିଶେଷ୍ୟ ହିଁ ମୁଖ୍ୟତଃ ବାକ୍ୟର ଉଦ୍ଦେଶ୍ୟ ପଦ । ଉଦ୍ଦେଶ୍ୟ ପଦ ବା ବିଶେଷ୍ୟ ପଦ ପୂର୍ବରୁ ବସି ବିଶେଷଣ ତାହା ବିଷୟରେ ନିର୍ଦ୍ଦିଷ୍ଟ ସୂଚନା ଦିଏ ବା ତା'ର ବିଶେଷତ୍ୱ ପ୍ରକାଶ କରେ । ଉଦାହରଣ ଦୁଇଟିକୁ ଲକ୍ଷ୍ୟ କର ।

(କ) ପିଲାଟି ବଗିଚାରେ ବସିଛି ।

(ଖ) **ଶାନ୍ତ** ପିଲାଟି **ସୁନ୍ଦର** ବଗିଚାରେ ବସିଛି ।

ପ୍ରଥମ ବାକ୍ୟଟିରେ **'ପିଲା'** ଓ **'ବଗିଚା'**– ଦୁଇଟି ବିଶେଷ୍ୟ ପଦ । ନିର୍ଦ୍ଦିଷ୍ଟ ବିଶେଷତ୍ୱ ନଥିବା ଦୁଇଟି ସାଧାରଣ ପଦ । ବସିବା କାର୍ଯ୍ୟ ବ୍ୟତୀତ ଆଉ କିଛି ବିଶେଷତ୍ୱ ବିଶେଷିତ ହେଉନାହିଁ । ତେଣୁ ବାକ୍ୟଟି ସାଧାରଣ ବାକ୍ୟ । ଦ୍ୱିତୀୟ ବାକ୍ୟଟିରେ **'ପିଲା'** ଓ **'ବଗିଚା'** ପଦ ବିଷୟରେ କିଛି ଗୁଣାତ୍ମକ ସୂଚନା ଦିଆଯାଉଛି । ଉଭୟ ବିଶେଷ୍ୟ ପଦକୁ ଉଦ୍ଦେଶ୍ୟ କରି ଉଭୟର ଗୁଣକୁ ବିଶେଷିତ କରିବା ପାଇଁ ଉଭୟ ପଦର ପୂର୍ବରୁ **'ଶାନ୍ତ'** ଏବଂ **'ସୁନ୍ଦର'** ଦୁଇଟି ଗୁଣବାଚକ ବିଶେଷଣ ପଦ ବ୍ୟବହୃତ ହୋଇଛି । **'ଶାନ୍ତ'** / **'ସୁନ୍ଦର'** ଉଭୟ ବିଶେଷଣ ଏଠି ବିଶେଷ୍ୟର ବା ଉଦ୍ଦେଶ୍ୟ ପଦର ପିଲା, ବଗିଚାର ବିଶେଷଣ । ଏହିପରି–

***ଯେଉଁ ବିଶେଷଣ ପଦ ବିଶେଷ୍ୟ ପଦର ପୂର୍ବରୁ ବସେ, ତାହାକୁ 'ବିଶେଷ୍ୟର ବିଶେଷଣ' ପଦ କୁହନ୍ତି ।***

ଉଦ୍ଦେଶ୍ୟ ପଦ ପୂର୍ବରୁ ବସି ତା' ବିଷୟରେ ନିର୍ଦ୍ଦିଷ୍ଟ ସୂଚନା ଦେଉଥିବାରୁ ବା ତାହା ବିଷୟରେ ବିଶେଷ କିଛି କହୁଥିବାରୁ ଏ ପ୍ରକାର ବିଶେଷଣକୁ **'ଉଦ୍ଦିଷ୍ଟ ବିଶେଷଣ'** ମଧ୍ୟ କୁହାଯାଏ ।

## ୪.୪.୨ : ବିଧେୟ ବିଶେଷଣ

ବାକ୍ୟର ମୁଖ୍ୟପଦ ବା ଉଦ୍ଦେଶ୍ୟ ପଦକୁ ଆଧାର କରି ତା' ପରେ **'ଯାହା କୁହାଯାଏ'** ତାହାକୁ **'ବିଧେୟ'** କୁହାଯାଏ । ସାଧାରଣତଃ ବାକ୍ୟରେ କର୍ତ୍ତାଦି ବିଶେଷ୍ୟ ପଦର ପରବର୍ତ୍ତୀ ଅଂଶର ପଦଗୁଡ଼ିକ ବିଧେୟ ଅନ୍ତର୍ଭୁକ୍ତ । ଏ ଦୃଷ୍ଟିରୁ ମୁଖ୍ୟ ଉଦ୍ଦେଶ୍ୟ ପଦ ବା ବିଶେଷ୍ୟ ପଦ ପରେ ଯାହା ବ୍ୟବହୃତ ହୁଏ, ତାହା ବିଧେୟ ବାଚକ ହୁଏ । ବିଶେଷଣ ବ୍ୟବହାର କ୍ଷେତ୍ରରେ ବି ଏପରି ଘଟେ । ଯଥା–

(କ) ଶିଳ୍ପୀ ସୁନ୍ଦର ମୂର୍ତ୍ତିଟିଏ ଗଢ଼ିଲେ । (ଖ) ଶିଳ୍ପୀ ଗଢ଼ିଥିବା ମୂର୍ତ୍ତିଟି **ସୁନ୍ଦର** ।

'କ' ବାକ୍ୟରେ ବିଶେଷଣ ପଦ **'ସୁନ୍ଦର'** ବିଶେଷ୍ୟ ପଦ **'ମୂର୍ତ୍ତି'** ପୂର୍ବରୁ ବସିଛି । ବିଶେଷ୍ୟ ପୂର୍ବରୁ ଆସି ଆଗୁଆ ବିଶେଷ୍ୟକୁ ବିଶେଷିତ କରିବା ଏକ ସାଧାରଣ ବସାଣ ଶୃଙ୍ଖଳା । ମାତ୍ର 'ଖ' ବାକ୍ୟରେ ବିଶେଷ୍ୟ ପଦ 'ମୂର୍ତ୍ତି' ପରେ ବିଧେୟ ବାଚକ ହୋଇ ବିଶେଷଣ ପଦ **'ସୁନ୍ଦର'** ବ୍ୟବହୃତ ହୋଇଛି । ବାକ୍ୟର ବିଧେୟ ଅଂଶରେ ଏ ପ୍ରକାର ବସାଣ ପ୍ରୟୋଜନ ଦୃଷ୍ଟିରୁ ହୋଇଥାଏ । ବିଶେଷଣର ଏ ପ୍ରକାର ବ୍ୟବହାର ବିଶେଷ୍ୟକୁ ଆକର୍ଷଣୀୟ କରି ବିଶେଷିତ କରିଥାଏ ।

***ବାକ୍ୟର ବିଧେୟ ଅଂଶରେ ବିଶେଷ୍ୟ ପଦ ପରେ ବ୍ୟବହୃତ ହେଉଥିବା ବିଶେଷଣ ପଦକୁ 'ବିଧେୟ ବିଶେଷଣ' କୁହାଯାଏ ।***

କେତୋଟି ଅଧିକ ଦୃଷ୍ଟାନ୍ତ- ରାସ୍ତା <u>ନିର୍ଜନ</u> / ଛବି <u>ଚମତ୍କାର</u> / ପିଲାଟି <u>ଶାନ୍ତ</u> / ବ୍ୟବହାର <u>ମଧୁର</u> ।

### ୪.୪.୩ : ବିଶେଷଣର ବିଶେଷଣ :

ତଳେ ଦିଆଯାଇଥିବା ଉଦାହରଣଗୁଡ଼ିକୁ ଲକ୍ଷ୍ୟକର ।

| | **<u>୧ମ ପ୍ରକାର ବିଶେଷ୍ୟର ବିଶେଷଣ</u>** | **<u>୨ୟ ପ୍ରକାର ବିଶେଷଣର ବିଶେଷଣ</u>** |
|---|---|---|
| (କ) | ସେ ଜଣେ <u>ଭଲ</u> ଲୋକ । | ସେ ଜଣେ **ଭାରି** <u>ଭଲ</u> ଲୋକ । |
| (ଖ) | ଏ ପିଲାଟି <u>ଚତୁର</u> । | ଏ ପିଲାଟି **ଅତ୍ୟନ୍ତ** <u>ଚତୁର</u> । |
| (ଗ) | <u>ଗରମ</u> ପାଣି ପିଅ । | **ସାମାନ୍ୟ** <u>ଗରମ</u> ପାଣି ପିଅ । |

**୧ମ ପ୍ରକାରର** ତିନୋଟିଯାକ ବାକ୍ୟରେ ବ୍ୟବହୃତ ରେଖାଙ୍କିତ ପଦ ତିନୋଟି (<u>ଭଲ</u> / <u>ଚତୁର</u> / <u>ଗରମ</u>) ତିନୋଟି ଏକ ଏକ ବିଶେଷଣ । ବିଶେଷ୍ୟର ବିଶେଷଣ ଭାବରେ ଏଗୁଡ଼ିକ ବ୍ୟବହୃତ ହୋଇଛି । ମାତ୍ର **୨ୟ ପ୍ରକାରର** ପ୍ରତ୍ୟେକ ବାକ୍ୟରେ ଦୁଇ ଦୁଇଟି ବିଶେଷଣ ବ୍ୟବହୃତ । 'କ' ବାକ୍ୟରେ 'ଭଲ' ବିଶେଷଣର ଗୁଣକୁ ଆଧିକ୍ୟ ଅର୍ଥରେ 'ଭାରି' ବିଶେଷଣଟି ବିଶେଷିତ କରୁଛି । 'ଖ' ବାକ୍ୟରେ 'ଚତୁର' ବିଶେଷଣକୁ ଗୁଣାତ୍ମକ ଅର୍ଥରେ 'ଅତ୍ୟନ୍ତ' ବିଶେଷଣ ପଦଟି ବିଶେଷିତ କରୁଛି । 'ଗ' ବାକ୍ୟରେ 'ଗରମ' ବିଶେଷଣ ପଦର ବିଶେଷଣ ଭାବରେ '<u>ସାମାନ୍ୟ</u>' ବ୍ୟବହୃତ ହୋଇଛି । ଏହିପରି ଭଲ – ଚତୁର – ସାମାନ୍ୟ ବିଶେଷଣ ପଦ ତିନୋଟିର ବିଶେଷଣ ଭାବରେ ଭାରି – ଅତ୍ୟନ୍ତ – ସାମାନ୍ୟ ବିଶେଷଣର ବ୍ୟବହାର କରାଯାଇଛି । ସୁତରାଂ,

***ବାକ୍ୟରେ ଗୋଟିଏ ବିଶେଷଣ ପଦ ଆଉ ଗୋଟିଏ ବିଶେଷଣ ପଦକୁ ବିଶେଷିତ କଲେ ତାହାକୁ 'ବିଶେଷଣର ବିଶେଷଣ' କୁହାଯାଏ ।***

**୪.୪.୩ (୧) :** ବେଳେବେଳେ ଆମେ ଏମିତି ଧରଣର ବାକ୍ୟ କହୁ ଓ ଲେଖୁ ଯେଉଁଥିରେ ଦୁଇ ବା ଦୁଇରୁ ଅଧିକ ବିଶେଷଣ ପଦ ଥାଏ । ଏପରିକି ଗୋଟିଏ ବିଶେଷଣ ପଦ ଦୋହରା ଯାଇଥାଏ । ଯଥା–

(କ) ନୀଳ <u>ଗୋଟିଏ</u> <u>ଶାନ୍ତଶିଷ୍ଟ</u> <u>ସୁଧାର</u> ପିଲା ।

(ଖ) କଳ୍ପନା <u>ବୁଦ୍ଧିମତୀ</u> <u>ପରିଶ୍ରମୀ</u> ଝିଅ ।

(ଗ) ମାଧବୀ ସବୁବେଳେ <u>ଶସ୍ତା</u> <u>ସୁନ୍ଦର</u> <u>ମଜଭୁତ</u> ଜିନିଷ କିଣେ ।

(ଘ) ଅସରାଏ <u>ଅସରାଏ</u> ବର୍ଷା ହେଉଛି ।

(ଙ) ସେ <u>ମିଠା</u> <u>ମିଠା</u> କଥା କୁହେ ।

(ଚ) ମଧୁ <u>ବଡ଼</u> <u>ବଡ଼</u> କାମରେ ହାତ ଦିଏ ।

ପ୍ରଥମ ତିନୋଟି ବାକ୍ୟରେ ଏକାଧିକ ବିଶେଷଣ ପଦ ଗୋଟିଏ ବିଶେଷ୍ୟ ପଦର ଅବସ୍ଥା, ଗୁଣ ଓ ସଂଖ୍ୟାଦିକୁ ବିଶେଷିତ କରୁଛି । ଏ ପ୍ରକାର ବିଶେଷଣକୁ ବିଶେଷଣର ବିଶେଷଣ କୁହାଯିବ ନାହିଁ । ବରଂ ଏହାକୁ ଏକ ନିର୍ଦ୍ଦିଷ୍ଟ ବିଶେଷ୍ୟର ବିଶେଷଣ ସମାହାର ଭାବରେ ଗ୍ରହଣ କରାଯାଇପାରେ । ଶେଷ ତିନୋଟି (ଘ, ଙ, ଚ) ବାକ୍ୟରେ ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ବିଶେଷଣ ଦ୍ୱିତ୍ୱ ହୋଇଛି ବା ଦୋହରା ଯାଇଛି । ଏଗୁଡ଼ିକ ବି ବିଶେଷ୍ୟର ବିଶେଷଣ । ମାତ୍ର ବିଶେଷଣର ବିଶେଷଣ ନୁହେଁ ।

**ବିଶେଷଣ ଦ୍ୱିତ୍ୱ ହେଲେ ଏହାର ବିଶେଷ୍ୟ ପଦ ବହୁବଚନର ଅର୍ଥକୁ ବୁଝାଏ ।**

ଉଦାହରଣ ସ୍ୱରୂପ : ବୁଢ଼ାବୁଢ଼ା ଲୋକ (ବହୁତ ବୁଢ଼ାଲୋକ), ନୂଆନୂଆ କାମ, ଛୋଟଛୋଟ ମାଛ, କୁନିକୁନି ପିଲା, ନାଚିଲାନାଚିଲା ଆଖି, ପାଚିଲାପାଚିଲା ଫଳ, ଧଳାଧଳା ଫୁଲ ପ୍ରଭୃତି ।

## ୪.୪.୪ : ସାର୍ବନାମିକ ବିଶେଷଣ

ସାଧାରଣତଃ ନାମ ବା ବିଶେଷ୍ୟ ପଦ ପରିବର୍ତ୍ତେ ବିକଳ୍ପ ପଦ ଭାବରେ **'ସର୍ବନାମ'** ପଦ ବାକ୍ୟରେ ବ୍ୟବହୃତ ହୋଇଥାଏ । ମାତ୍ର ଅନେକ କ୍ଷେତ୍ରରେ ବିଶେଷ୍ୟର ନିର୍ଦ୍ଦିଷ୍ଟତା ଓ ନିଶ୍ଚିତତା ପ୍ରକାଶ ପାଇଁ ସର୍ବନାମ ପଦ ବିଶେଷଣର କାର୍ଯ୍ୟ ସମ୍ପାଦନ କରିଥାଏ । ଏଠାରେ ମନେରଖିବାକୁ ହେବ ଯେ ସର୍ବନାମ ପଦ କେବଳ ବିଶେଷ୍ୟର ବିଶେଷଣ ଭାବରେ ବ୍ୟବହୃତ ହୋଇଥାଏ । ବିଶେଷଣର ବିଶେଷଣ ରୂପେ ସର୍ବନାମର ବ୍ୟବହାର ହୁଏ ନାହିଁ । ଏବେ ଉଦାହରଣ ଦୁଇଟିକୁ ଲକ୍ଷ୍ୟ କର ।

୧ମ ଉଦାହରଣ– **ସେହି** ଗାଁଟି ପୂର୍ଣ୍ଣ ସାକ୍ଷର ହେଲା ।

୨ୟ ଉଦାହରଣ– **କେଉଁ** ବାଟରେ ହେଲେ **ଏହି** କାମଟି କର ?

ଦିଆଯାଇଥିବା ୧ମ ଉଦାହରଣରେ 'ସେହି' ଏକ ସର୍ବନାମ ପଦ । 'ଗାଁ'– ବିଶେଷ୍ୟ ପଦର ପୂର୍ବରୁ **"ସେହି"** ସର୍ବନାମ ପଦଟି ବ୍ୟବହୃତ ହୋଇଛି । 'ଗାଁ' ବିଶେଷ୍ୟ ପଦର ନିର୍ଦ୍ଦିଷ୍ଟ ସୂଚନା ଏହି ସର୍ବନାମ ପଦଟିର ବିଶେଷଣାତ୍ମକ ବ୍ୟବହାରରୁ ମିଳୁଛି । ୨ୟ ଉଦାହରଣରେ ବିଶେଷ୍ୟ ପଦ 'ବାଟ' ଓ 'କାମ' ପୂର୍ବରୁ ଅନିଶ୍ଚିତ ଓ ନିଶ୍ଚିତ ଅର୍ଥମୂଳକ ହୋଇ 'କେଉଁ' ଓ 'ଏହି' ସର୍ବନାମ ପଦ ଦୁଇଟିକୁ ବିଶେଷଣ ରୂପେ ବ୍ୟବହାର କରାଯାଇଛି । ସେହି / କେଉଁ / ଏହି– ଇତ୍ୟାଦି ପଦ ସର୍ବନାମ ପଦ ହେଲେବି ଏଠାରେ ବିଶେଷଣ ରୂପେ କାର୍ଯ୍ୟ କରୁଛି । ଏ ଦୃଷ୍ଟିରୁ–

***ବାକ୍ୟରେ ଯେଉଁ ସର୍ବନାମ ପଦ ବିଶେଷଣ ପଦ ରୂପେ ବ୍ୟବହୃତ ହୁଏ, ତାକୁ ସାର୍ବନାମିକ ବିଶେଷଣ କୁହାଯାଏ ।***

ବେଳେବେଳେ ମୂଳ ସର୍ବନାମ ପଦ ସହିତ / **ପରି, ମନ୍ତ, ମିତି** / ପ୍ରଭୃତି ଯୁକ୍ତ ହୋଇ ସାର୍ବନାମିକ ବିଶେଷଣ ପଦ ଗଠିତ ହୋଇଥାଏ । ଯଥା–

- ଯେ + ମିତି = ଯେମିତି ପିଲା / ଯେମିତି ଦିଅଁ ସେମିତି ପୂଜା
- ଏ + ମନ୍ତ = ଏମନ୍ତ ଭୂଇଁ / ଯେମନ୍ତ ବ୍ୟବହାର / କେମନ୍ତ କଥା
- ଯେ + ପରି = ଯେପରି କାମ, ସେପରି ମୂଲ ।

ଏବେ ଅଧିକ ଜାଣିବା ପାଇଁ **ଉଦାହରଣ :** ଏଇ ଘର / ସେଇ ବହି / କେଉଁ କାମ / ଯେଉଁ ସମସ୍ୟା / ଏମନ୍ତ ବ୍ୟାପାର / ଯେଉଁ ତ ଖାଇବା / ଏଭଳି ବିଚାର / ତେମନ୍ତ ଘଟଣା ।

- ମୋ କଥା / ତୋ କଥା / ଯା' କଥା / ତା' କଥା / ଯାହା କଥା ।
- ଆମ ସମୟ / ତମ କାଳ / ତାଙ୍କ ଦିନ / ଯାଙ୍କ ବେଳା / ସେମାନଙ୍କ ବେଳ ।

**ସାର୍ବନାମିକ ସମ୍ବନ୍ଧ ପଦ ମଧ୍ୟ ବିଶେଷଣ ରୂପେ କାର୍ଯ୍ୟ କରିଥାଏ ।**

### ୪.୪.୫ : ବିଶେଷ୍ୟରୂପୀ ବିଶେଷଣ

ଆମେ ବେଳେବେଳେ ବାକ୍ୟରେ ଥିବା ବିଶେଷ୍ୟ ପଦକୁ ଅନ୍ୟ ବିଶେଷ୍ୟ ପଦକୁ ବିଶେଷିତ କରିବା ଲକ୍ଷ୍ୟରେ ବ୍ୟବହାର କରିଥାଉ । ଉଦାହରଣଗୁଡ଼ିକୁ ଏହି ମର୍ମରେ ଲକ୍ଷ୍ୟ କର–

(କ) **ମାଟି**କାହ୍ନୁଟି ଭୁଶୁଡ଼ି ପଡ଼ିଲା ।

(ଖ) **ଶୀତ** ଦିନରେ ପରିବା ଚାଷ ଭଲ ହୁଏ ।

(ଗ) ତାଙ୍କ **ଟାଇଲ**ଘରଠାରୁ ଆମ **ଛଣ** କୁଡ଼ିଆ ଭଲ ।

(ଘ) ସାଧବ ତଅପୋଇ ପାଇଁ **ସୁନା** ଚାନ୍ଦଟିଏ ବରାଦ ଦେଲେ ।

ଏସବୁ ବାକ୍ୟରେ ମୋଟା ଅକ୍ଷରର ପଦ (ମାଟି, ଶୀତ, ଟାଇଲ, ଛଣ, ସୁନା)ଗୁଡ଼ିକ ଏକ ଏକ ବିଶେଷ୍ୟ ପଦ । ଏଗୁଡ଼ିକ ବିଶେଷଣ ରୂପରେ କାହ୍ନୁ, ଦିନ, ଘର, କୁଡ଼ିଆ ଓ ଚାନ୍ଦ ବିଶେଷ୍ୟ ପଦଗୁଡ଼ିକୁ ବିଶେଷିତ କରୁଛି । ଏଠାରେ ପ୍ରଥମ ପ୍ରକାରର ବିଶେଷ୍ୟ (ମାଟି, ଶୀତ, ଟାଇଲ, ଛଣ, ସୁନା) ଦ୍ୱିତୀୟ ପ୍ରକାରର ମୁଖ୍ୟ ବିଶେଷ୍ୟ (କାହ୍ନୁ, ଦିନ, ଘର, କୁଡ଼ିଆ, ଚାନ୍ଦ)ର ବିଶେଷଣ ରୂପେ ବ୍ୟବହୃତ ହୋଇଛି ।

*ଏକ ବିଶେଷ୍ୟ ପଦକୁ ଅନ୍ୟ ଏକ ବିଶେଷ୍ୟ ପଦର ବିଶେଷଣ ରୂପେ ବ୍ୟବହାର କରାଯାଇପାରେ । ଏ ପ୍ରକାର ବିଶେଷଣକୁ 'ବିଶେଷ୍ୟରୂପୀ ବିଶେଷଣ' ଭାବରେ ଚିହ୍ନାଯାଏ ।*

### ୪.୪.୬ : ସମ୍ବନ୍ଧବାଚକ ବିଶେଷଣ

ବିଶେଷ୍ୟ ପଦକୁ ବିଶେଷଣ ରୂପେ ବ୍ୟବହାର କରିବାର ଅନ୍ୟ ଏକ ପ୍ରକାର ଭଙ୍ଗୀ ଆମ ଭାଷାରେ ରହିଛି । ନିମ୍ନଲିଖିତ ଦୃଷ୍ଟାନ୍ତଗୁଡ଼ିକରୁ ସେହି ଭଙ୍ଗୀକୁ ଜାଣିପାରିବ ।

**ସୁଖର** ସାଥୀ ଅନେକ, **ଦୁଃଖର** ସାଥୀ କେହି ନୁହନ୍ତି । ଦୀନବନ୍ଧୁ **ପାରିବାର** ଲୋକ । ତାଙ୍କ **ସୁନାର** ସଂସାର ଭାଙ୍ଗିଗଲା ।

ଏସବୁ ବାକ୍ୟରେ ଥିବା ବଡ଼ ଅକ୍ଷରର ପଦଗୁଡ଼ିକର ମୂଳରୂପ– / ସୁଖ, ଦୁଃଖ, ପାରିବା, ସୁନା / ଏକ ଏକ ବିଶେଷ୍ୟ ପଦ । ଏଗୁଡ଼ିକ ଷଷ୍ଠୀ ବିଭକ୍ତି ବା ସମ୍ବନ୍ଧ ସୂଚକ ଚିହ୍ନ **'ର'** ଯୁକ୍ତ ହୋଇ ଅନ୍ୟ ବିଶେଷ୍ୟ ପଦକୁ (ସାଥୀ, ଲୋକ, ସଂସାର) ବିଶେଷିତ କରୁଛି । ଏଗୁଡ଼ିକୁ ବିଶେଷ୍ୟର ବିଶେଷଣ ରୂପ ଭାବରେ ଗ୍ରହଣ କରାଯାଏ । ସୁତରାଂ,

***ବାକ୍ୟରେ ବିଶେଷ୍ୟ ପଦ ଷଷ୍ଠୀ ବିଭକ୍ତି ଯୁକ୍ତ ହୋଇ ବିଶେଷଣ ରୂପେ ବ୍ୟବହୃତ ହୋଇଥିଲେ, ତାହାକୁ ସମ୍ବନ୍ଧବାଚକ ବିଶେଷଣ ରୂପ ଭାବରେ ଗ୍ରହଣ କରାଯାଏ ।***

ଅଧିକ ଜାଣିବା ପାଇଁ– <u>କହିବା</u>ର କଥା / <u>ଜାଣିବା</u>ର ବିଷୟ / <u>ଗୁଣ</u>ର ପିଲା / ସୁଖର ଦିନ / ଦୁର୍ଭାଗ୍ୟର ବେଳ / ବୁଦ୍ଧିର ଖେଳ / ପାପର ଛାଇ / ପୁଣ୍ୟର ହାତ / ସୌଭାଗ୍ୟର ଅଧ୍ୟାୟ / ଧର୍ମର ଜୟ ।

### ୪.୪.୭ : କ୍ରିୟା ବିଶେଷଣ

ବାକ୍ୟରେ ବ୍ୟବହୃତ ବିଶେଷଣ ପଦ ବିଶେଷ୍ୟ ପଦ ସହିତ ଅନ୍ୟ ପଦକୁ ମଧ୍ୟ ବିଶେଷିତ କରେ । ବାକ୍ୟରେ କ୍ରିୟା କିପରି ସାଧିତ ହୋଇଛି, କି ପ୍ରକାର ଅବସ୍ଥା ଓ ଧର୍ମକୁ ନେଇ କ୍ରିୟାର ସାଧନ ଘଟିଛି– ଏସବୁ ବିଷୟରେ କେତେକ ବିଶେଷଣ ପଦ କ୍ରିୟା ପଦ ପୂର୍ବରୁ ବ୍ୟବହୃତ ହୋଇ ନିର୍ଦ୍ଦିଷ୍ଟ ସୂଚନା ଦେଇଥାଏ । ତଳେ ଦିଆଯାଇଥିବା ବାକ୍ୟଗୁଡ଼ିକୁ ପଢ଼ ।

(କ) ବାତ୍ୟାଦିନ ଉପରବେଳାଠାରୁ ପବନ **<u>ଜୋର୍‌ରେ</u>** ବହିଲା ।

(ଖ) ତୁମେ ଏଠିକି **<u>ସଅଳ</u>** ଆସ ।

(ଗ) ସବୁକଥା **ଧୀରେଧୀରେ** ଜଣାପଡ଼ିଲା ।

(କ) ବାକ୍ୟରେ ପବନ କିପରି ବହିଲା ତାହାକୁ **'ଜୋର୍‌ରେ'**– ବିଶେଷଣ ପଦଟି ଜଣାଇ ଦେଉଛି । (ଖ) ବାକ୍ୟରେ କିପରି ଆସିବା କାର୍ଯ୍ୟ ହେବ ତାହାକୁ **'ସଅଳ'** ବିଶେଷଣ ପଦଟି ସୂଚେଇ ଦେଉଛି । (ଗ) ବାକ୍ୟରେ କଥାଟି କିପରି ଜଣାଗଲା ତାହାକୁ **'ଧୀରେଧୀରେ'** ପଦଟି ନିର୍ଦ୍ଦିଷ୍ଟ ରୂପେ ବୁଝାଇ ଦେଉଛି । ସୁତରାଂ 'ବହିଲା, ଆସ, ଜଣାପଡ଼ିଲା' ଇତ୍ୟାଦି କ୍ରିୟାପଦ କିପରି ଭାବରେ ସାଧିତ ହେଉଛି, ତାହା 'ଜୋର୍‌ରେ, ସଅଳ ଓ ଧୀରେଧୀରେ ଆଦି ବିଶେଷଣ ପଦରୁ ବୁଝାପଡୁଛି ।

***ଯେଉଁ ବିଶେଷଣ ପଦ ବାକ୍ୟରେ କ୍ରିୟାକୁ ବିଶେଷିତ କରେ, ତାହାକୁ 'କ୍ରିୟା ବିଶେଷଣ' ପଦ କୁହାଯାଏ ।***

### ୪.୪.୮ : କ୍ରିୟାଜ ବିଶେଷଣ / କ୍ରିୟାବାଚକ ବିଶେଷଣ

ଓଡ଼ିଆ ଭାଷାରେ କ୍ରିୟାକୁ ଆଧାର କରି ଦୁଇ ପ୍ରକାର ବିଶେଷଣ ପଦ ରହିଛି । ଗୋଟିଏ ପୂର୍ବରୁ ଆଲୋଚିତ କ୍ରିୟା ବିଶେଷଣ । ଏବେ ଆଉ ଗୋଟିଏ ପ୍ରକାରକୁ ନିମ୍ନଲିଖିତ ଉଦାହରଣରୁ ଜାଣିବା ।

ରାଧୁ **ଫେରନ୍ତା** ଗାଡ଼ିରେ ଆସିବ । ସେ **ଉଡ଼ନ୍ତା** ଚଢ଼େଇର ପର ଗଣିଦେଇପାରେ । **ଶୋଇଲା** ପୁଅର ଭାଗ ନାହିଁ, **ଚେତିଲା** ପିଲା ଅମାର ଭରେ । ସେ ଜଣେ **ଜଣାଶୁଣା** ବ୍ୟକ୍ତି ।

ଉପରଲିଖିତ ବାକ୍ୟଗୁଡ଼ିକରେ ବଡ଼ ଅକ୍ଷରରେ ମୁଦ୍ରିତ ହୋଇଥିବା ପଦଗୁଡ଼ିକ (ଫେରନ୍ତା, ଉଡ଼ନ୍ତା, ଶୋଇଲା, ଚେତିଲା, ଜଣାଶୁଣା) ବିଶେଷଣ ପଦ ଭାବରେ ଗାଡ଼ି, ଚଢ଼େଇ, ପୁଅ, ପିଲା, ବ୍ୟକ୍ତି ଇତ୍ୟାଦି ବିଶେଷ୍ୟ ପଦକୁ ବିଶେଷିତ କରୁଛି । ଏଗୁଡ଼ିକ କ୍ରିୟାପଦ ନୁହନ୍ତି । କ୍ରିୟାର ମୂଳ ପ୍ରକୃତି ଧାତୁରୁ ଗଠିତ । ଧାତୁ ବା କ୍ରିୟାର ମୂଳରୂପ ସହିତ 'ଅନ୍ତା, ଇଲା, ଆ' ପ୍ରତ୍ୟୟ ଯୋଗରେ (ଫେର୍ + ଅନ୍ତା = ଫେରନ୍ତା / ଉଡ୍ + ଅନ୍ତା = ଉଡ଼ନ୍ତା / ଶୋ

+ ଇଲା = ଶୋଇଲା / ଚେତ୍ + ଇଲା = ଚେତିଲା / ଜାଣ୍ + ଆ, ଶୁଣ୍ + ଆ = ଜଣାଶୁଣା) ଏଗୁଡ଼ିକ ଗଠିତ ହୋଇଥିବାରୁ ଏଗୁଡ଼ିକୁ **'କ୍ରିୟାଜ ବିଶେଷଣ'** ବା କ୍ରିୟାରୁ ଜାତ- **'କ୍ରିୟାଜାତ ବିଶେଷଣ'** କୁହାଯାଏ । ଅତଏବ–

*କ୍ରିୟାରୁ ଜାତ ବା ଗଠିତ ଯେଉଁ ବିଶେଷଣ ପଦ ବିଶେଷ୍ୟ ପଦକୁ ବିଶେଷିତ କରିଥାଏ, ତାହାକୁ କ୍ରିୟାଜ ବିଶେଷଣ ବା କ୍ରିୟାବାଚକ ବିଶେଷଣ ପଦ କୁହାଯାଏ ।*

**ଏହିପରି ଥିଲା**ବାଲା, **ଦେଖିଥିବା** ଦୃଶ୍ୟ, **ଚିତ୍ରିତ** ଚାଦର, **ନଥିଲା** ଜିନିଷ, **ଦେବା** ଲୋକ, **ଢୋକିଲା** କଥା, **ମଲା** ଜହ୍ନ, **ହସକୁରା** ମଣିଷ, **ଭୁକିଲା** କୁକୁର, **ଗରଜିଲା** ମେଘ, **ଶୋଇଲା** ପୁଅ, **ଫୁଟନ୍ତା** ପାଣି ପ୍ରଭୃତି।

## ୪.୪.୯ : ବିଶେଷଣ ବ୍ୟବହାର ସମ୍ପର୍କରେ ଅଧିକ ଜାଣିବା କଥା

**(୧)** ନିମ୍ନଲିଖିତ ବାକ୍ୟରେ ବଡ଼ ଅକ୍ଷରରେ ଥିବା ପଦଗୁଡ଼ିକୁ ଲକ୍ଷ୍ୟ କର ।

(କ) **ଦୋଷୀ**କୁ ଦଣ୍ଡ ଦେଇ **ନିର୍ଦ୍ଦୋଷ**କୁ ଖଲାସ କର ।

(ଖ) **ପାପୀ**କୁ ନୁହେଁ, **ପାପ**କୁ ଘୃଣା କର ।

(ଗ) **ପଣ୍ଡିତ**ଙ୍କୁ ସମ୍ମାନ ଦିଅ / **ଅଜ୍ଞାନଠୁଁ** ଦୂରେଇ ରହ / **ରାଗୀ**କୁ ବୁଝାଅ / **ଭୋଗୀ** ପାଇଁ ଚିନ୍ତା କରନାହିଁ ।

ଉପରଲିଖିତ ବାକ୍ୟଗୁଡ଼ିକରେ ଥିବା ବଡ଼ ଅକ୍ଷରର ପଦଗୁଡ଼ିକ ଗୋଟିଏ ଗୋଟିଏ ବିଶେଷଣ ପଦ । ମାତ୍ର ଏସବୁ ପଦରେ କୁ (ଦୋଷୀ + କୁ = ଦୋଷୀକୁ / ନିର୍ଦ୍ଦୋଷ + କୁ = ନିର୍ଦ୍ଦୋଷକୁ / ପାପୀ + କୁ = ପାପୀକୁ / ରାଗୀ + କୁ = ରାଗୀକୁ) /(ପଣ୍ଡିତ + ଙ୍କୁ = ପଣ୍ଡିତଙ୍କୁ), ଠୁଁ (ଅଜ୍ଞାନ + ଠୁଁ = ଅଜ୍ଞାନଠୁଁ) / ପାଇଁ (ଭୋଗୀ + ପାଇଁ = ଭୋଗୀପାଇଁ) ଇତ୍ୟାଦି ଯୋଗ ହୋଇଛି । ଏ ପ୍ରକାର ଯୋଗ ସାଧାରଣତଃ ବିଶେଷ୍ୟ ପଦ ପରେ ବିଭକ୍ତି ପ୍ରତ୍ୟୟ ଭାବରେ ବସିଥାଏ । ଏଠାରେ ଏ ପ୍ରକାର ବିଭକ୍ତିଯୁକ୍ତ ହୋଇ ବିଶେଷଣ ପଦଗୁଡ଼ିକ ବିଶେଷ୍ୟ ଭଳି ବାକ୍ୟରେ ବ୍ୟବହୃତ ହୋଇଛି । ଏଥିରୁ ଜଣାଗଲା ଯେ ଓଡ଼ିଆ ଭାଷାରେ,

*ଓଡ଼ିଆ ବାକ୍ୟରେ ବିଶେଷଣ ପଦକୁ ବି ବିଶେଷ୍ୟ ପଦ ରୂପେ ବ୍ୟବହାର କରାଯାଏ ।*

**(୨)** ବେଳେବେଳେ ବିଶେଷ୍ୟ ପଦକୁ ବାକ୍ୟରେ ଦିଆନଯାଇ ବିଶେଷ୍ୟର ବିଶେଷଣ ପଦଟିକୁ ବି ବିଶେଷ୍ୟ ରୂପେ ବ୍ୟବହାର କରାଯାଇଥାଏ । ଯଥା– **ଦରିଦ୍ର** ଦୟାର ପାତ୍ର । **ଅହଙ୍କାରୀ**ର ପତନ ନିଶ୍ଚିତ ଘଟେ । **ଗର୍ବୀ** ଦୁଃଖ ପାଏ । **ଦୁଷ୍ଟ**ଠୁଁ ଦୂରେଇ ରହ ।

ଏଠାରେ ଦରିଦ୍ର, ଅହଙ୍କାରୀ, ଗର୍ବୀ ଓ ଦୁଷ୍ଟ ପରେ ଲୋକ, ମଣିଷ, ବ୍ୟକ୍ତି, ପିଲା– ଇତ୍ୟାଦି ଯେକୌଣସି ଗୋଟିଏ ବିଶେଷ୍ୟ ପଦ ବସିପାରନ୍ତା । ଯଥା– ଦରିଦ୍ର ମଣିଷ ଦୟାର ପାତ୍ର । ଅହଙ୍କାରୀ ଲୋକର ପତନ ନିଶ୍ଚିତ ଘଟେ ପ୍ରଭୃତି। ମାତ୍ର 'ମଣିଷ' ଓ 'ଲୋକ' ଭଳି ବିଶେଷ୍ୟ ପଦ ନଲାଗି କେବଳ ବିଶେଷଣ ପଦ ଦରିଦ୍ର, ଅହଙ୍କାରୀ,ଗର୍ବୀ, ଦୁଷ୍ଟ ବ୍ୟବହୃତ ହୋଇଛି । ବିଶେଷଣ ପଦ ବିଶେଷ୍ୟ ରୂପେ ବ୍ୟବହୃତ ହୋଇ ଭାବ ପ୍ରତିପାଦନ କରୁଛି । ଭାବାର୍ଥ ପ୍ରକାଶରେ କୌଣସି ବାଧା ଉପୁଜୁନାହିଁ । ସୁତରାଂ ଓଡ଼ିଆ ଭାଷାରେ–

*ବାକ୍ୟରେ ବିଶେଷ୍ୟ ପଦ ନଥାଇ କେବଳ ବିଶେଷଣ ପଦ ବି ବିଶେଷ୍ୟର ଅନୁପସ୍ଥିତିରେ ବିଶେଷ୍ୟ ପଦ ଭଳି ଅର୍ଥ ପ୍ରକାଶ କରିଥାଏ ।*

**(୩)** ବିଶେଷ୍ୟ ପଦରେ 'ଆ, ଇ, ଇଆ, ଇବା, ଇୟ, ଉଆ, ଇକ, ଣୀ, ଉଣୀ, ରା/ଉରା, ଇଲା, ଅଣା, ଯ– ଇତ୍ୟାଦି ପ୍ରତ୍ୟୟ ଯୋଗହୋଇ ବିଶେଷଣ ପଦ ଗଠିତ ହୁଏ । ଯଥା–

**ଆ– ଯୋଗ :** ପାଣି + ଆ = ପାଣିଆ– ଡାଲି ପାଣିଆ ହୋଇଗଲା । ଏହିପରି– ଦାଢ଼ିଆ, ମାଟିଆ ।

**ଇ– ଯୋଗ :** ଗୋଲାପ + ଇ = ଗୋଲାପୀ– ଗୋଲାପୀ ଶାଢ଼ି । ଏହିପରି– ଭୋଗୀ, ରୋଗୀ, ତ୍ୟାଗୀ ।

**ଇଆ– ଯୋଗ :** ଗୋଡ଼ାଣ + ଇଆ = ଗୋଡ଼ାଣିଆ– ଗୋଡ଼ାଣିଆ ଲୋକ । ଏହିପରି– ବହଳିଆ, ଯୋଗାଡ଼ିଆ, ଗୋଳିଆ ।

**ଇବା– ଯୋଗ :** ଶୋ + ଇବା = ଶୋଇବା– ଶୋଇବା ଘର । ଏହିପରି– ପିଇବା, ରଖିବା, ଦେଖିବା ।

**ଇୟ– ଯୋଗ :** ଜାତି + ଇୟ = ଜାତୀୟ– ଜାତୀୟ ସଙ୍ଗୀତ । ଏହିପରି– ଭାରତୀୟ, ଉତ୍କଳୀୟ ।

**ଉଆ– ଯୋଗ :** ଗାତ + ଉଆ = ଗାତୁଆ– ଗାତୁଆ ମୂଷା । ଏହିପରି– ପାଠୁଆ, ନାଟୁଆ, ଚାଲୁଆ ।

**ଇକ– ଯୋଗ :** ସମାଜ + ଇକ = ସାମାଜିକ– ସାମାଜିକ ପାଠ । ଏହିପରି– ସାମୁଦ୍ରିକ, ସାଂସାରିକ ।

**ଣୀ– ଯୋଗ :** ବର + ଣୀ = ବରଣୀ– ବରଣୀ କନ୍ୟା । ଏହିପରି–ଚୋରଣୀ ଘରଣୀ ।

**ଉଣୀ– ଯୋଗ :** ଅନ୍ଧ + ଉଣୀ = ଅନ୍ଧୁଣୀ– ଅନ୍ଧୁଣୀ ଛାତ୍ରୀ । ଏହିପରି– ବାଘୁଣୀ, ରଖୁଣୀ ।

**ରା/ଉରା– ଯୋଗ :** ଖତ + ରା = ଖତରା– ଖତରା କାମ । ଦାନ୍ତୁରା, ମନ୍ତୁରା ।

**ଇଲା– ଯୋଗ :** ପାଚ୍ + ଇଲା = ପାଚିଲା– ପାଚିଲା ଆମ୍ବ । ଫଳିଲା, ଗଢ଼ିଲା, ନାଚିଲା, ଦେଖିଲା ।

**ଅଣା– ଯୋଗ :** ମାଗ୍ + ଅଣା = ମାଗଣା– ମାଗଣା ଜିନିଷ । କାନ୍ଦଣା, ବାଜଣା, ମାରଣା ।

**ଯ– ଯୋଗ :** କଣ୍ଠ + ଯ = କଣ୍ଠ୍ୟ– କଣ୍ଠ୍ୟ ବର୍ଣ୍ଣ । ଓଷ୍ଠ୍ୟ, ଦନ୍ତ୍ୟ, ସୌନ୍ଦର୍ଯ୍ୟ, ସୌଜନ୍ୟ ।

**(୪)** ଓଡ଼ିଆରେ ସଂସ୍କୃତ ପରି ବିଶେଷ୍ୟ ପଦର ଲିଙ୍ଗ ଅନୁସାରେ ବିଶେଷଣ ପଦର ଲିଙ୍ଗରୂପ ମଧ୍ୟ ବ୍ୟବହାର ହୋଇଥାଏ । ଉଦାହରଣ;

- କଣ୍ଠ ଜଣେ **ମେଧାବୀ** ଛାତ୍ର / ଲତା ଜଣେ **ମେଧାବିନୀ** ଛାତ୍ରୀ ।
- ସେ ପୁଅଟି ଅତି **ସରଳ** / ସେ ଝିଅଟି **ସରଳା** ।
- **ସୌଭାଗ୍ୟବାନ୍** ପିଲାମାନେ **ଯଶସ୍ୱୀ** ହୁଅନ୍ତି / **ସୌଭାଗ୍ୟବତୀ** ବାଳିକାମାନେ **ଯଶସ୍ୱିନୀ** ହୁଅନ୍ତି ।

**(୫)** ଆମ ଓଡ଼ିଆଭାଷାରେ ଅନେକ କ୍ଷେତ୍ରରେ ବିଶେଷଣ ପଦ ସ୍ତ୍ରୀ ବାଚକ ଅଥବା ପୁଂଲିଙ୍ଗ ବାଚକ ହୋଇନଥାଏ । ସ୍ତ୍ରୀ ବାଚକ ବିଶେଷ୍ୟର ବିଶେଷଣ ବି ପୁଂଲିଙ୍ଗ ବାଚକ ବିଶେଷଣ ହୋଇଥାଏ । ଉଦାହରଣଗୁଡ଼ିକୁ ଲକ୍ଷ୍ୟ କର ।

| | | |
|---|---|---|
| **କଳା** ଗାଈ | **କାଳୀ**ଗାଈ | **ଉଭୟ ବିଶେଷଣ ଠିକ୍** |
| **ସୁନ୍ଦର** ଝିଅ | **ସୁନ୍ଦରୀ** ଝିଅ | **ଉଭୟ ବିଶେଷଣ ଠିକ୍** |
| **ବଡ଼** ଭାଇ | **ବଡ଼** ଭାଉଜ | **ଉଭୟ ବିଶେଷଣ ଠିକ୍** |
| **ମହା** ରାଜା | **ମହା** ରାଣୀ | **ଉଭୟ ବିଶେଷଣ ଠିକ୍** |

ଏପରି ଭାବରେ ଆମ ଭାଷାରେ ଉଭୟ ଲିଙ୍ଗରେ ଏକ ପ୍ରକାର ବିଶେଷଣ ମଧ୍ୟ ବ୍ୟବହାର କରାଯାଏ ।

# ପ୍ରଶ୍ନାବଳୀ

୧ । ବିଶେଷଣ ପଦ କାହାକୁ କହନ୍ତି ?

୨ । ଯେକୌଣସି ୫ଟି ପ୍ରକାର ବିଶେଷଣର ନାମ ଲେଖି ଓ ପ୍ରତ୍ୟେକରୁ ଦୁଇଟି କରି ଉଦାହରଣ ଦିଅ ।

୩ । କ୍ରିୟା ବିଶେଷଣ ଓ କ୍ରିୟାଜ ବିଶେଷଣ କାହାକୁ କହନ୍ତି ? ଉଭୟ ମଧ୍ୟରେ ଥିବା ପାର୍ଥକ୍ୟ ଦର୍ଶାଅ ।

୪ । ତିନୋଟି ସାର୍ବନାମିକ ବିଶେଷଣ ଥିବା ବାକ୍ୟ ଲେଖ ।

୫ । ପାଞ୍ଚୋଟି ବିଶେଷ୍ୟକୁ ବିଶେଷଣ ରୂପେ ବ୍ୟବହାର କରି ବାକ୍ୟ ଲେଖ ।

୬ । ନିମ୍ନଲିଖିତ ପଦଗୁଡ଼ିକ କି'ପ୍ରକାର ବିଶେଷଣ ଚିହ୍ନାଅ ।
ଗେଡ଼ା, ମଧୁର, ନୀଳ, ଛୋଟା, ଖୁବ୍, ଭାରି, ଅବାଗିଆ, ଚବିଶ, ଅଷ୍ଟମ, ପୁଳାଏ, ସମ୍ବଲପୁରୀ, ଖସଡ଼ା, ଅଜ୍ଞାନ, ନିତାନ୍ତ, ଦପ୍‌ଦପ୍, ଆସ୍ତେଆସ୍ତେ ।

୭ । ନିମ୍ନଲିଖିତ ବାକ୍ୟଗୁଡ଼ିକରେ ଥିବା କଳା ଅକ୍ଷରର ବିଶେଷଣ ପଦ କି'ପ୍ରକାରର ଚିହ୍ନାଅ ।

(କ) **ବିନୟ** ମଧୁର ବଚନ କହିବା ।

(ଖ) **ଘୋର** ଶବଦ କରି ମେଘ ଗର୍ଜିଲା ।

(ଗ) କେଉଁ ସୂତାନଟୀ **ଅଡୁଆ** ହୋଇଯିବ ଯେ ?

(ଘ) ଗନ୍ଧ ଭାରି **ଉତ୍କଟ** ।

(ଙ) ସେଠାରେ **ସାଂସ୍କୃତିକ** କାର୍ଯ୍ୟକ୍ରମ ଚାଲିଛି ।

୮ । '<u>କ</u>'ସ୍ତମ୍ଭର ବିଶେଷଣ ପଦ ସହିତ '<u>ଖ</u>'ସ୍ତମ୍ଭର ଉପଯୁକ୍ତ ବିଶେଷ୍ୟ ବାଛି ଯୋଗକର :

| 'କ'ସ୍ତମ୍ଭ | 'ଖ'ସ୍ତମ୍ଭ |
|---|---|
| ଜାତୀୟ | ଝଡ଼ |
| ସାମୁଦ୍ରିକ | ଶୃଙ୍ଗ |
| ଉଚ୍ଚତମ | ସଂହତି |
| ନିଲଠା | ଶତ୍ରୁତା |
| ନୈତିକ | ପତ୍ର |
| କଅଁଳ | ସଙ୍କଟ |
| ଅତି | ଅଧ୍ୟାୟ |
| ପ୍ରବଳ | ମଣିଷ |
| ଅଷ୍ଟମ | ଦାୟିତ୍ୱ |
| ବିଷମ | ପିତା |

୯ । ତଳଧାଡ଼ିଗୁଡ଼ିକ ମଧ୍ୟରେ ଥିବା ବିଶେଷଣ ପଦଗୁଡ଼ିକ ମଧ୍ୟରୁ କେଉଁଟି ଅଲଗା ପ୍ରକାରର ଲେଖ ।

(କ) ଦଶ, ବାର, ପଚାଶ, ଛୟାଅଶୀ, ଅଷ୍ଟାଦଶ, କୋଡ଼ିଏ ।

(ଖ) କଅଁଳ, ନରମ, କଠିନ, ମଧୁର, ପ୍ରଚୁର, ପ୍ରବଳ ।

(ଗ) ଗାଡୁଆ, ମିଛୁଆ, ପାଠୁଆ, ଅଳସୁଆ, ଅତ୍ୟନ୍ତ ।

(ଘ) ଏ, ସେହି, ଯେଉଁ, ଖୁବ୍, ତା, ମୋ ।

(ଙ) ସୁନାକାଚ, ରୁପାଚାନ୍ଦ, ମଧୁର ଜଳ, କାଠକଣ୍ଢେଇ, ମାଟିପାତ୍ର ।

୧୦ । 'ତର' ଓ 'ତମ' ପ୍ରତ୍ୟୟ ଯୋଗକରି ୫ଟି ବିଶେଷଣ ପଦ ଲେଖି ବାକ୍ୟରେ ବ୍ୟବହାର କର ।